## ସଂକ୍ଷେପରେ

### ଥିଲେ ଦିଅ, ନ ଥିଲେ ନିଅ କାର୍ଯ୍ୟକ୍ରମ

**ସୋରଡ଼ା,୨୦।୧(ଡି.ଏନ.ଏ.):** ସୋରଡ଼ା ଏନ୍‌ଏସିରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ସତ୍ୟ ନାରାୟଣ ସାହୁ ଏନ୍‌ଏସି କାର୍ଯ୍ୟାଳୟ ସମ୍ମୁଖରେ 'ଥିଲେ ଦିଅ ନ ଥିଲେ ନିଅ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସହକର୍ମୀ, ସମ୍ପର୍କୀୟ, ଜନସାଧାରଣଙ୍କ ଅବ୍ୟବହୃତ, ପୁରୁଣା ପୋଷାକ ଆଣି ଏଠାରେ ଦେବାକୁ ନିବେଦନ କରୁଛନ୍ତି। ଉକ୍ତ ସ୍ଥାନଟି ଦୈନିକ ବଜାର ଅଞ୍ଚଳ ହୋଇଥିବାରୁ ସହର ସମେତ ୨୬ ପଞ୍ଚାୟତରୁ ଶତାଧିକ ଲୋକେ ଏଠାରୁ ଆସିଥାନ୍ତି। କିଏ ପୋଷାକ ଆଣି ଦେଉଛି ତ କିଏ ଏଠାରୁ ପସନ୍ଦ କରି ପୋଷାକ ନେଉଛି। ଏହି କାର୍ଯ୍ୟକ୍ରମ ଏଠାରେ ପ୍ରଥମଥର ହେଉଛି। ସେ ମଧ୍ୟ ତାଙ୍କର ପୁରୁଣା ପୋଷାକ ଦେଇଛନ୍ତି। ସହରର ଗରିବ ଜନସାଧାରଣ ଏହାର ଫାଇଦା ନେବାକୁ ସାହୁ କହିଛନ୍ତି।

### ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ବୁଗୁଡ଼ା,୨୦।୧(ଡି.ଏନ.ଏ.):** ବୁଗୁଡ଼ା ବ୍ଲକ ମାଣିତରା ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନାଚାର୍ଯ୍ୟ ଦିବାକର ସାମନ୍ତରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ବିଧାୟକ ଶ୍ରୀକାନ୍ତ ସାହୁ, ମୁଖ୍ୟବକ୍ତା ଭାବେ ବେଲଗୁଣ୍ଠା ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନାଚାର୍ଯ୍ୟ ସୂର୍ଯ୍ୟନାରାୟଣ ପାତ୍ର ଓ ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶାନ୍ତିଲତା ନାୟକ, ଜିଲା ପରିଷଦ ସଭ୍ୟା ଭୁବନେଶ୍ୱରୀ ଖଟାଇ, ମାଣିତରା ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଅନୁପ କୁମାର ପଣ୍ଡା, ବିଦ୍ୟାମନ୍ଦିରର ସଭାପତି ଜୟଦେବ ରାଉତ, ଉପସଭାପତି ସୁନିଲ କୁମାର ପ୍ରଦାନ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପିତାମ୍ବର ପଣ୍ଡା ବିବରଣୀ ପାଠ କରିଥିବା ବେଳେ ଉପଦେଷ୍ଟା ସନକ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ କୃତୀ ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ଭଲିବଲ ମ୍ୟାଚ୍, ଗ୍ରାଉଣ୍ଡ ଟିମ ବିଜୟୀ

**ଦିଗପହଣ୍ଡି,୨୦।୧(ଡି.ଏନ.ଏ.):** ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ସହାୟତାରେ ଦିଗପହଣ୍ଡି ଏନ୍‌ଏସି କାର୍ଯ୍ୟାଳୟ ଏବଂ ବିଜୁ ଯୁବ ବାହିନୀ କ୍ଲବ ଆନୁକୂଲ୍ୟରେ ଦିନିକିଆ ଭଲିବଲ ମ୍ୟାଚ ଦଧିବାମନ ମନ୍ଦିର ନିକଟ ପଡିଆରେ ହୋଇଥିଲା। ଦିଗପହଣ୍ଡିର ଗ୍ରାଉଣ୍ଡ ଟିମ ୧୪-୯ ପଏଣ୍ଟ ବ୍ୟବଧାନରେ ଦଧିବାମନ ଟିମକୁ ହରାଇ ବିଜୟୀ ହୋଇଛି। ଅଭୟ ସୁନ୍ଦର ମ୍ୟାଚରେ ରିଫେରି ଥିଲେ। ରନର୍ସ ଅପ ଏବଂ ୱିନର ଟିମ ଖେଳାଳି ମାନଙ୍କୁ ସ୍ଥାନୀୟ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆ ପୁରସ୍କୃତ କରିଥିଲେ। ପ୍ରାକ୍ତନ କାଉନସିଲର ମାଗୀ ସେଠୀ, ଏନଏସି ବିଜୁ ଯୁବ ବାହିନୀ ସଂଯୋଜକ ସନ୍ତୋଷ କୁମାର ବାଡତ୍ୟା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ।

### ଘୁମୁସର ଫଟୋଗ୍ରାଫର ସଂଘ ବୈଠକ

**ଭଞ୍ଜନଗର,୨୦।୧(ଡି.ଏନ୍.ଏ.):** ଘୁମୁସର ଫଟୋ ଗ୍ରାଫର ସଂଘର ଏକ ବୈଠକ ରବିବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୟକୃଷ୍ଣ ପଟ୍ଟନାୟକ ଅଧକ୍ଷତା କରିଥିଲେ। ନିରଞ୍ଜନ ପ୍ରଧାନ, ବିରଞ୍ଚି ନାରାୟଣ ମିଶ୍ର, ଦର୍ପ ନାରାୟଣ ଜେନା, ସାଗର ବେହେରା, ସମୀର ବେହେରା ଅତିଥି ଭାବେ ଯୋଗଦେଇ ସଂଘର ବିଭିନ୍ନ ସମସ୍ୟା ଓ ନିରାକରଣ ଉପରେ ଆଲୋଚନା କରିଥିଲେ। ଏଥିସହ ସଂଘର ଆଭିମୁଖ୍ୟ, ନୂତନ ସଭ୍ୟ ସଂଗ୍ରହ, ନୂତନ ଜ୍ଞାନକୌଶଳ ତାଲିମ କିଭଳି ପ୍ରଦାନ କରାଯିବ ସେ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଭଞ୍ଜନଗର ସମେତ ସୋରଡ଼ା, ବୁଗୁଡ଼ା, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦ ପ୍ରମୁଖ ଅଞ୍ଚଳର ଫଟୋ ଗ୍ରାଫରମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

### ପୋଲିଓ ବୁନ୍ଦା ଖୁଆଇଲେ ବିଧାୟିକା

**ବେଗୁନିଆପଡ଼ା,୨୦।୧(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ରବିବାର ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଦିଆଯାଇଛି। କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଏହି ବ୍ଲକର ମର୍ଦ୍ଦକୋଟ ପଞ୍ଚାୟତର ଏକ ବୁଥରେ ପହଞ୍ଚି କିଛି ଶିଶୁମାନଙ୍କୁ ପୋଲିଓ ବୁନ୍ଦା ଖୁଆଇବା ସହିତ ଠିକ ସମୟରେ ପୋଲିଓ ଖୁଆଇବା ଉଚିତ ବୋଲି କହିଥିଲେ। ସରପଞ୍ଚ ପ୍ରତିନିଧି ଦୀପ୍ତି ପ୍ରକାଶ ନାୟକ, ଅଙ୍ଗନୱାଡ଼ି କର୍ମୀ ପ୍ରଭାସିନି ମନ୍ଦର, ରେବତୀ ସାହୁ, ରିନା ଦେବୀ, ଆଶାକର୍ମୀ କୁନା ପଲାଇ ଉପସ୍ଥିତ ଥିଲେ।

# ଆବର୍ଜନା କୁଣ୍ଡ ପାଲଟିଛି ବିଜିପୁର ପୋଖରୀ

**ବ୍ରହ୍ମପୁର ଅଫିସ,୨୦।୧**

ବ୍ରହ୍ମପୁର ମହାନଗର ନିଗମ ୨୦୧୯ରେ ସ୍ୱଚ୍ଛ ସହରର ମାନ୍ୟତା ପାଇଥିଲା। ସ୍ୱଚ୍ଛତା ଡ଼ିଣ୍ଡିମ ପିଟୁଥିବା ଏହି ମହାନଗରୀ ଏବେ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି। ସ୍ୱଚ୍ଛତା ପାଇଁ ହଜାର ହଜାର କୋଟି ଟଙ୍କା ବ୍ୟୟ ହେଉଥିଲେ ମଧ୍ୟ ସଚେତନତା ଅଭାବ ଓ କର୍ତ୍ତୃପକ୍ଷଙ୍କ ନୀରବତା କାରଣରୁ ସ୍ଥିତିରେ ସୁଧାର ଆସୁନାହିଁ। ବ୍ରହ୍ମପୁର ମହାନଗର ନିଗମ ୨୪ ନଂ ୱାର୍ଡ଼ ବିଜିପୁରରେ ଥିବା ପୋଖରୀ ଏହାର ଜ୍ୱଳନ୍ତ ଉଦାହରଣ। ଏହି ପୋଖରୀ ଏବେ ଆବର୍ଜନା କୁଣ୍ଡ ପାଲଟିଛି। ପୋଖରୀ ନିକଟରେ ଥିବା ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ସଚେତନତା ଅଭାବରୁ ଏହି ପୋଖରୀରେ ଫୁଲ, ନଡ଼ିଆ, କପଡ଼ା, ପ୍ଲାଷ୍ଟିକ୍ ଆବର୍ଜନା, ଏପରିକି ସ୍ଥାନୀୟ ଲୋକେ ଘରୋଇ ଅବ୍ୟବହୃତ ଆବର୍ଜନା ମଧ ପକାଇଥାନ୍ତି। ପୋଖରୀଟି ଏବେ ଦଳ, ପଙ୍କ, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ଆବର୍ଜନାରେ ଭର୍ତ୍ତି ହୋଇଛି। ଏଥିରେ ଲୋକେ ସ୍ନାନ କଲେ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଗାଇଗୋରୁ ବି ଏଠାରୁ ଭୋଗ ପଲିଥିନ୍ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। ଏ ସମ୍ପର୍କରେ ମହାନଗର ନିଗମ କମିଶନର ଚକ୍ରବର୍ତ୍ତୀ ସିଂ ରୋଠୋଡ଼ଙ୍କ ଯୋଗାଯୋଗ କରିବାରେ ବର୍ତ୍ତମାନ କଂଗ୍ରେସ ଅଫିସ ନିକଟ ପୋଖରୀ ପୁନରୁଦ୍ଧା କାର୍ଯ୍ୟ ଚାଲିଛି, ଆଉ ୨ ପୋଖରୀର ଟେଣ୍ଡର ବାହାରିଛି । ଖୁବଶୀଘ୍ର ସମସ୍ତ ପୋଖରୀ ପୁନରୁଦ୍ଧାର କରାଯିବ ବୋଲି ସେ କହିଛନ୍ତି।




## ସେମାନେ ଯାହା କୁହନ୍ତି



ମୁଁ ଦାୟିତ୍ୱରେ ଥିବା ସମୟରେ ପୋଖରୀଟିର ସଫେଇ କାର୍ଯ୍ୟ କରାଯାଉଥିଲା। ଗତ ୮ ମାସ ପୂର୍ବେ ପୋଖରୀରୁ ଦଳ ବାହାର କରି ସଫେଇ କରାଯାଇଥିଲା। ବର୍ତ୍ତମାନ ବିଏମସି ନିଜ ହାତକୁ ନେବା ଯୋଗୁ କୌଣସି କାର୍ଯ୍ୟ ଶୀଘ୍ର ହୋଇପାରୁନି। ପୋଖରୀ ପାର୍ଶ୍ୱରେ ପରିବା ଦୋକାନୀଙ୍କୁ ହଟାଇବା ପାଇଁ ବହୁବାର କମିଶନରଙ୍କୁ ଦାବି କରିଥିଲେ ମଧ୍ୟ ସେ କର୍ଣ୍ଣପାତ କରୁନାହାନ୍ତି।

**- ସଂଘମିତ୍ରା ଦଳେଇ, ପୂର୍ବତନ କର୍ପୋରେଟର**



ପୋଖରୀଟି ସମ୍ପୂର୍ଣ୍ଣ ପ୍ରଦୂଷିତ ହୋଇଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନାହିଁ। କମିଶନରଙ୍କ ପାଖ ଲୋକ ଟେଣ୍ଡର ନେଇ କାମଟିକୁ ସମ୍ପୂର୍ଣ୍ଣ କରୁନାହାନ୍ତି। ପରିମଳର ସୁବିଧା ନାହିଁ। ବିଏମସି ପକ୍ଷରୁ ହୋଇଥିବା ଶୌଚାଳୟରେ ଥରକୁ ୧୦ ଟଙ୍କା ଦେଇ ଯିବା ସାଧାରଣ ଜନତାଙ୍କ ପକ୍ଷେ ସମ୍ଭବ ନୁହେଁ। ତେଣୁ ପ୍ରଶାସନ ଏ ଦିଗରେ ଉଚିତ ପଦକ୍ଷେପ ନେଉ।

**- ଈଶ୍ୱର ଦାସ**



ବିଏମସି କୌଣସି ପଦକ୍ଷେପ ନେଉନାହିଁ। ପୋଖରୀ ସଫେଇ ପାଇଁ ଅର୍ଥ ଆସୁଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟ ହେଉନାହିଁ। କିଛି ପରିମାଣ ଅର୍ଥ ଖର୍ଚ୍ଚ କରି ବାକି ଟଙ୍କା ହଡ଼ପ କରାଯାଉଛି।

**- ଜୟ ଦାସ, ବିଜିପୁର ବାସିନ୍ଦା**



ଏହି ଅଞ୍ଚଳରେ କେବଳ ଏହି ପୋଖରୀଟି ଅଛି। ତେଣୁ ଦୂଷିତ ପାଣିରେ ଗାଧୋଇବାକୁ ଆମେ ବାଧ ହେଉଛୁ। କେହି ଏହି ଦିଗରେ ଦୃଷ୍ଟି ଦେଉନାହାନ୍ତି।

**- ରଞ୍ଜନ ଦାଶ**



ପୋଖରୀରୁ ଦଳ ବାହାର କରୁନାହାନ୍ତି। ପ୍ରାୟ ୨ ହଜାର ଲୋକ ଏଠାରେ ସ୍ନାନଶୌଚ କରୁଛନ୍ତି। ଦୂଷିତ ପାଣି ବ୍ୟବହାର କରି ଅନେକ ବିଭିନ୍ନ ରୋଗରେ ପଡୁଛନ୍ତି। ପୋଖରୀ ଚତୁଃପାର୍ଶ୍ୱ ଆବଦ୍ଧ କରି ବି ପରିମଳ ବ୍ୟବସ୍ଥାରେ ସୁଧାର ଅଣାଯାଉ।

**- କାଳିଆ ଦାସ**



ଦୀର୍ଘ ୨୦ ବର୍ଷ ହେଲା ଏହି ପୋଖରୀରେ ସ୍ନାନଶୌଚ କରୁଛି। ପୋଖରୀଟିକୁ ସଫେଇ କରିବା କଥା କେହି ଭାବୁନାହାନ୍ତି। ପୋଖରୀ ସଫେଇ ପାଇଁ ଆସୁଥିବା ଅର୍ଥକୁ ଆତ୍ମସାତ୍ କରାଯାଉଛି। ଷ୍ଟେଶନ୍ ପାଖ ଥିବାରୁ ପ୍ରାୟ ଲୋକ ଏଠାରେ ସ୍ନାନ ଶୌଚ କରୁଛନ୍ତି। ପ୍ରଶାସନ କି ସାଧାରଣ ଜନତା କେହି ସଚେତନ ନୁହନ୍ତି। ବିହିତ ନେବାକୁ ବିଏମସିକୁ ଅନୁରୋଧ।

**- କାଶୀନାଥ ପଟ୍ଟନାୟକ**

# ଯୁବକଙ୍କୁ ହତ୍ୟାକରି ଫିଙ୍ଗିଦେଲେ

**ଭଞ୍ଜନଗର,୨୦।୧(ଡି.ଏନ.ଏ)**

### ହାତ, ଆଖି ବନ୍ଧା ଅବସ୍ଥାରେ ପଡ଼ିଛି ମୃତଦେହ

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଢୋଲପିଟା ନିକଟରେ ଆଖି ଓ ହାତ ବନ୍ଧା ଅବସ୍ଥାରେ ଜଣେ ଅଚିହ୍ନା ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡ଼ି ରହିଛି। ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବାରୁ ତାଙ୍କୁ କେହି ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସୋମବାର ଅପରାହ୍ନ ପ୍ରାୟ ୫ଟାରେ କିଛି ଲୋକ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ପୋଲିସ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇ ଯାଇଥିବାରୁ ମୃତଦେହକୁ ଉଠାଯାଇ ପାରିନି। ଗାଲେରି ଫାଣ୍ଡି ପୋଲିସ ସେଠାରେ ଜଗି ରହିଛି। ମଙ୍ଗଳବାର ସାଇଣ୍ଟିଫିକ୍ ଟିମ୍ ଆସି ଛାନଭିନ କରିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ।

ଯୁବକଙ୍କୁ ହତ୍ୟା କରିବା ପରେ ଅଭିଯୁକ୍ତମାନେ କୌଣସି ଗାଡ଼ିରେ ଆଣି ଢୋଲପିଟା ନିକଟ କଲଭର୍ଟଠାରେ ନିଛାଟିଆ ସ୍ଥାନ ଦେଖି ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ରାସ୍ତାରେ ରକ୍ତ ଛିଟା ପଡ଼ିଥିବାରୁ ଗାଡ଼ିରୁ ମୃତଦେହକୁ ଘୋଷାଡ଼ି ନେଇ ଫିଙ୍ଗି ଦିଆଯାଇଛି ବୋଲି ପୋଲିସ ଅନୁମାନ କରୁଛି। ରିପୋର୍ଟ ଲେଖାଯିବା ସୁଦ୍ଧା ମୃତକଙ୍କ ମୃତକ ପରିଚୟ ମିଳି ନ ଥିବା ଓ ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବା ତାରସିଂ ଥାନା ଅଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି।

# ୩ ଗରୁଡ଼ ପକ୍ଷୀ ଶାବକ ଉଦ୍ଧାର

**କବିସୂର୍ଯ୍ୟନଗର,୨୦।୧**

କବିସୂର୍ଯ୍ୟନଗର ବ୍ଲକର ନୂଆଖରିଡ଼ା ଗାଁ ପୋଖରୀ ନିକଟରୁ ରବିବାର ୩ ଗରୁଡ଼ ପକ୍ଷୀ ଶାବକଙ୍କୁ ଉଦ୍ଧାର କରାଯାଇଛି। ଗ୍ରାମର ସାକମ୍ବରୀ ଯୁବକ ସଂଘ ସଭାପତି ସନ୍ତୋଷ କୁମାର ସ୍ୱାଇଁ ପ୍ରଥମେ ଏହି ବିରଳ ପକ୍ଷୀ ଶାକବ ଦେଖି ଅନ୍ୟ ସଦସ୍ୟଙ୍କୁ ଜଣାଇଥିଲେ। ଯୁବକ ସଂଘର ଅନ୍ୟ ସଦସ୍ୟମାନେ ପହଞ୍ଚି ୩ ପକ୍ଷୀ ଶାବକଙ୍କୁ ଉଦ୍ଧାର କରି କବିସୂର୍ଯ୍ୟନଗର ଫରେଷ୍ଟରଙ୍କୁ ଜଣାଇଥିଲେ। ସେଗୁଡିକ ଗରୁଡ଼ ପକ୍ଷୀ ବୋଲି ବନ ବିଭାଗ କହିଛି।



ଉଦ୍ଧାର ବିରଳ ପ୍ରଜାତିର ପକ୍ଷୀ।

# ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି



ଜିଲାପାଳଙ୍କ ଦ୍ୱାରା ପଟ୍ଟା ପ୍ରଦାନ।

**ଆର.ଉଦୟଗରି,୨୦।୧(ଡି.ଏନ.ଏ.)**

ଆର.ଉଦୟଗିରି ବ୍ଲକର ଅବାରସିଂ ପଞ୍ଚାୟତର କେଏମ ଭାଲିଆ ସାହି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ହୋଇଥିଲା। ଗଜପତି ଜିଲାପାଳ ଅନୁପମ ସାହା ଏବଂ ଏସ୍‌ଡିପିଓ ଅଶୋକ କୁମାର ମାହାନ୍ତି ଯୋଗଦେଇ ୧୦୩ ଅଭିଯୋଗ ଶୁଣିଥିଲେ। ଏଥିରେ ବ୍ୟକ୍ତିଗତ ୫୯, ଗ୍ରାମ ସମସ୍ୟା ୪୪ଟି ଅଭିଯୋଗ ଥିଲା। ସେଥିରୁ ୧୧ ଅଭିଯୋଗକୁ ବିଭିନ୍ନ ବିଭାଗ ଅଧିକାରୀମାନଙ୍କୁ ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ଫଣ୍ଡରୁ ୬୫ ହଜାର ଟଙ୍କା ଏବଂ ରେଡକ୍ରସରୁ ଜଣଙ୍କୁ ୨ ହଜାର ଟଙ୍କା ସହାୟତା ପ୍ରଦାନ କରିଥିଲେ। ଏହି ଅଞ୍ଚଳର ବିଭିନ୍ନ ଗ୍ରାମର ଲୋକଙ୍କୁ ପଟ୍ଟା ଯୋଗାଇଦେବାକୁ ଦାବି କରିଥିଲେ। ଶୁଣାଣିରେ ବିଡିଓ ପ୍ରଦୀପ କୁମାର ନାୟକ, ତହସିଲଦାର ସ୍ମୃତି ରଞ୍ଜନ ସତପଥୀ, ବ୍ଲକ ଅଧକ୍ଷା ଅନିତା ମଣ୍ଡଳ, ଜିଲା ପରିଷଦ ସଭ୍ୟା ସୁପ୍ରଭା ମଣ୍ଡଳ ଓ ବିଭିନ୍ନ ବିଭାଗର ଜିଲା ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଅଭିଯୋଗ ଶୁଣାଣି ପରେ ଆଇସିଡିଏସ୍ ବିଭାଗ ବିଭାଗର ଅଙ୍ଗନୱାଡି କର୍ମୀଙ୍କ ଦ୍ୱାରା ରଖାଯାଇଥିବା ସାମଗ୍ରୀ ଗୁଡିକୁ ବୁଲି ଦେଖିଥିଲେ। ଜିଲାପାଳଙ୍କ ଦ୍ୱାରା ୬ ଜଣକୁ ଘରବାରି ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟାକ୍ରମକୁ ଅନ୍ତରଜାମି କହଁର ପରିଚାଳନା କରିଥିବା ବେଳେ ପଞ୍ଚାୟତର ପିଇଓ ମିନତୀ ମିଶ୍ର ସହଯୋଗ କରିଥିଲେ।

# ଗୋଲାପଡ଼ା, ଖମାରପଲ୍ଲୀରେ ସ୍ୱାସ୍ଥ୍ୟମେଳା

### ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣୁଛି କିମ୍ସ

**ଭଞ୍ଜନଗର,୨୦।୧(ଡି.ଏନ.ଏ)**

ଭଞ୍ଜନଗର ବ୍ଲକ ଗୋଲାପଡ଼ା ଓ ଜଗନ୍ନାଥପ୍ରସାଦ ବ୍ଲକ ଖମାରପଲ୍ଲୀରେ ରବିବାର ମେଗା ସ୍ୱାସ୍ଥ୍ୟ ସେବା ଶିବିର ହୋଇଥିଲା। ଗୋଲାପଡ଼ାରେ ୫୯୩ ଏବଂ ଖମାରପଲ୍ଲୀରେ ୫୧୫ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ଯୋଗାଇ ଦିଆଯାଇଥିଲା। ଆଉ ଯେଉଁମାନଙ୍କୁ ଅଧିକ ଚିକିତ୍ସାର ଆବଶ୍ୟକତା ରହିଛି ସେନେଇ ପରାମର୍ଶ ଦିଆଯାଇଥିଲା। କିମ୍ସ ପକ୍ଷରୁ ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିର ଗୁଡ଼ିକରେ ସ୍ଥାନୀୟ ବିଧାୟକ ତଥା ଜଙ୍ଗଲ ଓ ପରିବେଶ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ କିମ୍ସ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଗ୍ରାମାଞ୍ଚଳ ଲୋକଙ୍କ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ପରିବର୍ତ୍ତନ ଆଣୁଛି। ଗୋଲାପଡ଼ା ଶିବିରରେ ବ୍ଲକ ଉପାଧକ୍ଷ ଜିତେନ୍ଦ୍ର କେଶରୀ ଆରୁଖ, ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର ପ୍ରଧାନ, ଏମ୍‌ପି ପ୍ରତିନିଧି ଦିବାକର ନାୟକ, ଅଧାପକ ରଙ୍କନିଧି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଖମାରପଲ୍ଲୀ ଠାରେ ଏମ୍‌ପି ପ୍ରତିନିଧି ବିପ୍ର ବାରିକ, ବ୍ଲକ ଅଧକ୍ଷା ଗୀତାଞ୍ଜଳି ବେହେରା, ଉପାଧକ୍ଷ ହିମାଂଶୁ ଶେଖର ବାରିକ, ବିଡ଼ିଓ ଅନିଲ କୁମାର ସେଠୀ, ସହକାରୀ ନିର୍ବାହୀଯନ୍ତ୍ରୀ ଶ୍ୟାମଘନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିବିର ଗୁଡ଼ିକରେ ଡ଼.କିରନ, ଡ଼.ପଙ୍କଜ ଯାଦବ, ଡ଼.ନବୀନ ବର୍ମା, ଡ଼.ଅଭିନବ, ଡ଼.ଅମନ, ଡ଼.ନିଖିଲ୍ ମିଶ୍ର ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। କିଟ୍ ଅଧିକାରୀ ଶୁଭେନ୍ଦୁ ପଟ୍ଟନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହାପୂର୍ବରୁ ମନ୍ତ୍ରୀ ଖମାରପଲ୍ଲୀ ଠାରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପର ଉଦ୍‌ଘାଟନ କରିଥିଲେ।



ଗୋଲାପଡ଼ା ସ୍ୱାସ୍ଥ୍ୟସେବା ଶିବିରରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ।

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

**ଶେରଗଡ଼,୨୦।୧(ଡି.ଏନ.ଏ.)**

ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଶେରଗଡ଼ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଅଧକ୍ଷତା କରିଥିବା ବେଳେ ବିଡିଓ ସୁରଞ୍ଜନ କୁମାର ସାହୁ ସଂଯୋଜନା କରିଥିଲେ। ପୂର୍ବରୁ ପ୍ରତିଯୋଗୀତା କରିବା ସହ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ସାଧାରତନ୍ତ୍ରୀ ଦିବସ ପାଳନ ନେଇ ସ୍ଥିରିକୃତ ହୋଇଥିଲା। ତହସିଲଦାର ଡ.ଦୟାସିନ୍ଧୁ ପରିଡା, ଥାନାଧିକାରୀ ରମେଶ ଚନ୍ଦ୍ର ଦାସ.ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ ଉପସ୍ଥିତ ଥିଲେ। ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ଯୁବ ବିଜେଡି ସଭାପତି ସନ୍ତାଷ କୁମାର ପଟ୍ଟନାୟକଙ୍କ ସମେତ ବହୁ ବୁଦ୍ଧିଜୀବି, ଶିକ୍ଷକ ଯୋଗ ଦେଇଥିଲେ।

## କରଡ଼ାକଣାରେ ମୋ ଗାଁ ମୋ ତହସିଲ

**ଶେରଗଡ,୨୦।୧(ଡି.ଏନ.ଏ.)**

ଶେରଗଡ଼ ତହସିଲ କରଡ଼ାକଣା ରାଜସ୍ୱ ସର୍କିଲରେ ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ତହସିଲଦାର ଡ.ଦୟାସିନ୍ଧୁ ପରିଡ଼ା ଶୁଭାରମ୍ଭ କରିଥିଲେ। ସୁପରଭାଇଜର ପି.ପଞ୍ଚମା ଓ ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକଙ୍କ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ୬୭ ଜମିଜମା ଅଭିଯୋଗ ଆସିଥିଲା। ସେଥିରେ ୩୦ଟି ପଟା ପାଇଁ ଥିଲା। ୨୦୦୨ ପୂର୍ବରୁ ରେଜିଷ୍ଟ୍ରି ହୋଇଥିଲେ ମଧ ପଟା ପାଇ ନ ଥିବା କହିଥିଲେ। କିନ୍ତୁ ତାଙ୍କୁ ଘଟଣା ସ୍ଥଳରେ ହିଁ ତହସିଲଦାର ପରିଡା ପଟା ଦିଆଯାଇପାରିବ ନାହିଁ ଏବଂ କମିଶନର କୋର୍ଟରୁ ନିର୍ଦ୍ଦେଶ ଆଣିଲେ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ୧୫ଟି ପଟା ଓ ୧୦ଟି ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ

**ଆସିକା,୨୦।୧(ଡି.ଏନ୍.ଏ.)**

କବିସୂର୍ଯ୍ୟନଗର ବ୍ଲକ ବରିଡ଼ା-ଏ ଗ୍ରାମରେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ସୋମବାର ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୫୧ଲକ୍ଷ ୬୯ ହଜାର ଟଙ୍କା ବ୍ୟୟରେ ହେବାକୁ ଥିବା ଏହି କାର୍ଯ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଜରିଆରେ କରାଯାଉଛି। ୩ ମାସ ମଧ୍ୟରେ କାର୍ଯ୍ୟ ସାରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କବିସୂର୍ଯ୍ୟନଗର ବ୍ଲକ ଅଧକ୍ଷ ସନ୍ତୋଷ କୁମାର ପାଢୀ, ଉପାଧକ୍ଷା ସଙ୍ଗୀତା ସ୍ୱାଇଁ, ବିଡିଓ ବାସୁଦେବ ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ବାଦଲ ପାଢୀ, ସରପଞ୍ଚ ପଞ୍ଚାନନ ବେହେରା, ସମିତିସଭ୍ୟ ନାରାୟଣ ବେହେରା, ବିପ୍ରଚରଣ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କୋର୍ଟରେ ହାଜର ହେଲେ ମାଓବାଦୀ ନେତା ସବ୍ୟସାଚୀ

**ବାଲିଗୁଡ଼ା,୨୦।୧(ଡି.ଏନ.ଏ.)**

ବାଲିଗୁଡ଼ା ଅତରିକ୍ତ ଜିଲା ଦୌରାଜଜ୍ କୋର୍ଟରେ ସୋମବାର ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ହାଜର ହୋଇଛନ୍ତି। ଦାରିଙ୍ଗବାଡି ଥାନା ଅଞ୍ଚଳରେ ହୋଇଥିବା ବିସ୍ଫୋରଣ ମାମଲାରେ ଜିଆର କେସ ଏସ୍‌ଟି ୫/୧୭ ଏବଂ ଏସ୍‌ଟି ୬/୧୭ରେ ପୋଲିସ ଓ ସିଆରପି ପକ୍ଷରୁ ମାମଲା ରୁଜୁ ହୋଇଥିଲା। ଏଥିପାଇଁ ସବ୍ୟସାଚୀଙ୍କ ନାଁରେ ଚାର୍ଜ ଫ୍ରେମ ହୋଇଛି। ସେହିପରି ଏସ୍‌ଟି ୧୨୨/୧୬ ଓ ୧୩୫/୧୬ ଘଟଣାରେ ସୋମବାର ଦୁଇ ଜଣ ସାକ୍ଷୀ ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ବାଲିଗୁଡା କୋର୍ଟରେ ସବ୍ୟସାଚୀଙ୍କ ନାଁରେ ୨୧ ମାମଲାର ବିଚାର ଚାଲିଛି। ସବ୍ୟସାଚୀଙ୍କ ଓକିଲ ଦିପକ ପଟନାୟକ କହିଛନ୍ତି ଯେ, ସବ୍ୟସାଚୀଙ୍କର ଦୁଇଟି ମାମଲାରେ ଚାର୍ଜଫ୍ରେମ ହୋଇଛି। ସବ୍ୟସାଚୀଙ୍କ ବାଲିଗୁଡା କୋର୍ଟରେ ମାମଲା ବିଚାରଣ ଥିବାରୁ ପୋଲିସ ପକ୍ଷରୁ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା।

# ମୁକୁଳା ପଡ଼ିଛି ଟ୍ରାନ୍ସଫର୍ମର

**ବ୍ରହ୍ମପୁର ଅଫିସ୍,୨୦।୧**

ବ୍ରହ୍ମପୁର ଲକ୍ଷ୍ମୀନୃସିଂହ ସାହି ମୁଖ୍ୟ ରାସ୍ତା କଡ଼ରେ ବିପଦସଙ୍କୁଳ ଅବସ୍ଥାରେ ଏକ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଛି। ଖୋଲାରେ ଥିବା ଏହି ଟ୍ରାନ୍ସଫର୍ମର ଚାରିପଟେ କୌଣସି ପ୍ରକାର ଆବଦ୍ଧ କରାଯାଇନାହିଁ। ଫଳରେ ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ଲୋକଙ୍କ ଜୀବନ ପ୍ରତି ବିପଦ ରହୁଛି। ଅନ୍ୟପକ୍ଷରେ ଟ୍ରାନ୍ସଫର୍ମର ଚାରିପାଖେ ଘାସ ଓ ଅନ୍ୟାନ୍ୟ ଗଛଲତା ଥିବାରୁ ଅଧିକାଂଶ ସମୟରେ ଗାଇଗୋରୁ ଏହା ପାଖକୁ ଆସିଥାନ୍ତି। ଟ୍ରାନ୍ସଫର୍ମର ଚାରିପଟେ ପୂର୍ବରୁ ହୋଇଥିବା ପାଚେରୀ କେବେଠୁ ଭାଙ୍ଗି ମାଟିରେ ମିଶିଥିଲେ ମଧ ପୁନର୍ବାର ତିଆରି ହୋଇନି। ଏ ସମ୍ପର୍କରେ ଉକ୍ତ ଅଞ୍ଚଳର ବାସିନ୍ଦା ସାଉଥ୍‌କୋ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ସାଉଥ୍‌କୋର କେତେଜଣ କର୍ମଚାରୀ ସେଠାକୁ ଯାଇ ଅନୁଧାନ କରିଥିଲେ ମଧ ସୁଫଳ ମିଳିନି। ସେହିପରି ମଳାସୁଣି ପେଟାସାହି, କାଞ୍ଜିବାରି ସାହି ଓ ପ୍ରେମ ନଗର ୬ଷ୍ଠ ଗଳି ଆଦିରେ ମଧ ଟ୍ରାନ୍ସଫର୍ମରଗୁଡ଼ିକ ଏଭଳି ମୁକୁଳା ରହିଛି। ଏ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ଅମ୍ବିକା ପାତ୍ର କହିଛନ୍ତି, ଖୁବଶୀଘ୍ର ଏଭଳି ସମସ୍ୟାର ସମାଧାନ କରାଯିବ।



## ସଂକ୍ଷେପରେ

### ଆଇନଜୀବୀଙ୍କ ସ୍ମୃତିସଭା



**ନବରଙ୍ଗପୁର,୨୦।୧(ବି.ପ୍ର.)** ବରିଷ୍ଠ ଆଇନଜୀବୀ ଲୋକନାଥ ପାଳଙ୍କ ବିୟୋଗରେ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଅଦାଲତ ପରିସରସ୍ଥ ସମ୍ମିଳନୀ କକ୍ଷରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି। ସଂଘ ସଭାପତି ନରସିଂହ ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲା ଜଜ୍ ଅଶୋକ କୁମାର ପଣ୍ଡା, ପରିବାର ଅଦାଲତ ଜଜ୍ ଶୋଭନ କୁମାର ଦାଶ, ରେଜିଷ୍ଟ୍ରାର ମନୋରଞ୍ଜନ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଏସ୍.ଶୁଭଲକ୍ଷ୍ମୀ, ଏସଡିଜେଏମ୍ ଅମିତ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାରପତି ମନୋଜ ମହାନ୍ତି, ଜିଲା ଆଇନସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ବରିଷ୍ଠ ଆଇନଜୀବୀ ଏନ୍. ଅହମ୍ମଦ, ସି.ଏଚ୍. ବାବାଯୁଗନ୍ଧର, ଉପସଭାପତି ହରିନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ଦାମୋଦର ତ୍ରିପାଠୀ ଉପସ୍ଥିତ ଥିଲେ। ଆଇନଜୀବୀ ଲୋକନାଥ ପାଳଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଲୋକନାଥ ପାଳ ଛାତ୍ର ନେତା ଥିବାବେଳେ ଅନେକ ପରିବର୍ତ୍ତନ ଆଣିଥିଲେ। ୧୯୯୫ରେ ସେ ଭାଜପା ଜିଲା ସଭାପତି ଥିଲେ। ଆଇନଜୀବୀ ଭାବେ ଗରିବଙ୍କ ସେବା କରୁଥିଲେ ବୋଲି ଆଇନଜୀବୀ ସମରେଶ ଗନ୍ତାୟତ, ମାନସ ତ୍ରିପାଠୀ, ସିରାଜ ଉଦ୍ଦିନ ଅହମ୍ମଦ କହିଛନ୍ତି।

# ଯୋଜନା ସମୀକ୍ଷା ସହ ଅଭିଯୋଗ ଶୁଣିଲେ ଜିଲାପାଳ

**ଡାବୁଗାଁ, ୨୦।୧ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ତହସିଲ କାର୍ଯ୍ୟାଳୟରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଛି। ଜିଲାପାଳ ଡ. ଅଜିତ କୁମାର ମିଶ୍ର ଯୋଗଦେଇ ଏଥିରେ ୩୧ଟି ଅଭିଯୋଗର ଶୁଣାଣି କରିଥିଲେ। ଏଥିରେ ବ୍ୟକ୍ତିଗତ ସମସ୍ୟା ୨୧ ଓ ସାମୁହିକ ସମସ୍ୟା ୧୦ଟି ରହିଛି। ଡାବୁଗାଁ ଅଙ୍ଗୀ ନଦୀ ପୋଲ ଶିଘ୍ର ନିର୍ମାଣ, ଚଚରାଗୁଡା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ଡାବୁଗାଁ ହରିଜନ ସାହିରେ ବିଦ୍ୟୁତ, ଡ୍ରେନ ଓ ପାଇଖାନା ସୁବିଧା କରାଇବା, ଧାନମଣ୍ଡିରେ ଟୋକନ ନ ମିଳିବା, ଜୁନାପାଣି ମଣ୍ଡିରେ ଧାନ ବିକ୍ରି ଟାର୍ଗେଟ ବଢାଇବା, ଡାବୁଗାଁ ସାପ୍ତାହିକ ହାଟ ପଞ୍ଚାୟତକୁ ହସ୍ତାନ୍ତର କରିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସବୁର ସମାଧାନ ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଦିବ୍ୟାଙ୍ଗଙ୍କ ହୁଇଲ୍ ଚେୟାର ପ୍ରଦାନ କରାଯାଉଛି।

ଶିବିରରେ ୬ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ଓ ୪ ଜଣଙ୍କୁ ହୁଇଲ ଚେୟାର ବଣ୍ଟନ କରଯାଇଥିଲା। ଏହାପରେ ଜିଲାପାଳ ବୋରିପଦର ଆଶ୍ରମ ବିଦ୍ୟାଳୟକୁ ଯାଇ ମଧ୍ୟାହ୍ନ ଭୋଜନ ଯାଞ୍ଚ କରିବା ସହ ସେଠାରେ ଖାଇଥିଲେ। ପରେ ପଞ୍ଚାୟତ ଅଫିସରେ ପହଞ୍ଚି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା ଓ କାଗଜପତ୍ର ଯାଞ୍ଚ କରିଥିଲେ। ଏଥିରେ ନବରଙ୍ଗପୁର ଏସ୍‌ପି ନୀତିନ କୁଶାଲକର, ଉପଜିଲାପାଳ ଭାସ୍କର ରଇତ, ଜିଲା ଜଙ୍ଗଲ ଅଧିକାରୀ ରଞ୍ଜିତ କୁମାର ମଲ୍ଲିକ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ସିଡିଏମ୍‌ଓ ସନ୍ତୋଷ କୁମାର ସ୍ୱାଇଁ, ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ମହେନ୍ଦ୍ର କୁମାର ବିଡିକା, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର ପଟ୍ଟନାୟକ, ଡିଇଓ ଚନ୍ଦ୍ରଶେଖର ପାଣିଗ୍ରାହୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ବିଡିଓ ରଞ୍ଜିତାମେରୀ ନାୟକ, ତହସିଲଦାର ସୁବାସ ସିଂ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଖୋଲିଲା ମାଣ୍ଡିଆ ମଣ୍ଡି

## କୁଇଣ୍ଟାଲକୁ ୩ ହଜାର୧୫୦ ଟଙ୍କା

**ଝରିଗାଁ, ୨୦।୧(ସ୍ୱ.ପ୍ର.)**

ମାଣ୍ଡିଆ ଚାଷ ଓ ଚାଷୀଙ୍କୁ ପ୍ରୋତ୍ସାହନ ଦେବାକୁ ରାଜ୍ୟ ସରକାର ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ସୋମବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକସ୍ଥିତ ଆରଏମ୍‌ସି ଗୋଦାମରେ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କରାଯାଇଅଛି। ଏହି ଅବସରରେ ଅତିରିକ୍ତ ଜିଲା କୃଷି ଅଧିକାରୀ ସତ୍ୟପ୍ରସାଦ ସାମନ୍ତରାୟ, ଟିଡିସି ଶାଖା ପରିଚାଳକ ବ୍ରଜକିଶୋର ମାଝି, ଏମ୍‌ଆଇ ସୋମନାଥ ବଣିଆ, ଆରଏମ୍‌ସି ମାର୍କେଟ୍ ଗାର୍ଡ ଦେବାନନ୍ଦ ଦାସ, ଲ୍ୟାମ୍ପସ ଏମ୍‌ଡି ନରସିଂହ ଗୌଡ, ବ୍ଲକ କୃଷି ବିଭାଗର ଶିବ ପ୍ରସାଦ ବେହେରା, ଶ୍ରଦ୍ଧାଞ୍ଜଳି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତ ବର୍ଷ ଝରିଗାଁ ବ୍ଲକରେ ୨୪୧ ଚାଷୀ ମାଣ୍ଡିଆ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ୩ଶହ ୫କୁଇଣ୍ଟାଲ ମାଣ୍ଡିଆ କ୍ରୟ ଲକ୍ଷ୍ୟ ରହିଛି ବୋଲି ଲ୍ୟାମ୍ପସ ଏମ୍‌ଡି କହିଛନ୍ତି। ମାଣ୍ଡିଆ କୁଇଣ୍ଟାଲ ପ୍ରତି ୩ହଜାର ୧୫୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀଙ୍କୁ କିପରି ଶୀଘ୍ର ଟଙ୍କା ଦିଆଯିବ ସେଥିପ୍ରତି ଗୁରୁତ୍ୱ ଦିଆଯାଉଛି ବୋଲି ଟିଡିସି ଶାଖା ପରିଚାଳକ ପ୍ରକାଶ କରିଛନ୍ତି।



ମାଣ୍ଡିଆ ମଣ୍ଡି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସଙ୍ଗୀତ ପ୍ରତିଯୋଗିତା

**ଉମରକୋଟ, ୨୦।୧ (ଡି.ଏନ୍.ଏ.)–** ଉପଖଣ୍ଡସ୍ତରୀୟ ସାଧାରଣ ତନ୍ତ୍ର ଦିବସ ପାଳନ ଅବସରରେ ଉମରକୋଟ ସରକାରୀ ବାଳିକା ବିଦ୍ୟାଳୟରେ ଦେଶାତ୍ମବୋଧ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଅଧ୍ୟାପକ ଏଲ୍. ଶିବ କିଶୋର ରାଓ, ସରୋଜକାନ୍ତ ପଟ୍ଟନାୟକ, ସାମାଜିକକର୍ମୀ ମାର୍କଣ୍ଡ ସାହୁ, ଗୁରୁକୃପା ମହାବିଦ୍ୟାଳୟ ଅଧ୍ୟାପିକା ଇଂ. ଚନ୍ଦନା ମଲ୍ଲିକ, ଆଇନଜୀବୀ ଶ୍ରୀନିବାସ ପଟ୍ଟନାୟକ, ଶାନ୍ତିଲତା ମହାନ୍ତି ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଆଇନଜୀବୀ ରାମକ୍ରିଷ୍ଣା ନାୟକ ଓ ସାମାଜିକର୍ମୀ ଦୁର୍ଗା ପ୍ରସାଦ ମଲ୍ଲିକ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସରକାରୀ ବାଳିକା ବିଦ୍ୟାଳୟ ପ୍ରଧାନଶିକ୍ଷକ ଅସୀମ ବିଶ୍ୱାସ, ଶ୍ରୀମତୀ ସୁନିତା ପଟ୍ଟନାୟକ, ଦମୟନ୍ତୀ ଗଣ୍ଡ, ଶିକ୍ଷୟିତ୍ରୀ ବିନୋଦିନୀ ପ୍ରଧାନ, ଶିକ୍ଷକ ଇନ୍ଦ୍ରନୀଳ କର ଓ ଶିକ୍ଷକ ପ୍ରକାଶ ରାଓ ପ୍ରମୁଖ ପରିଚାଳନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଉମରକୋଟ ଅଞ୍ଚଳର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ର ଭାଗ ନେଇଥିଲେ।



ଜଣେ ଛାତ୍ର ଗୀତ ଗାଉଛନ୍ତି।

# ଶକ୍ତି ସ୍ୱରୂପିଣୀ ଦିବସ

**ଡାବୁଗାଁ, ୨୦।୧ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଶ୍ରୀ ସତ୍ୟସାଇ ମନ୍ଦିରରେ ଶକ୍ତି ସ୍ୱରୂପିଣୀ ଦିବସ ପାଳନ କରାଯାଇଛି। ଏଥିସହ ପାଠଚକ୍ର, ବାଳବିକାଶ ଓ ନାରାୟଣୀ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗଣପତି ପ୍ରାଥନା, ଶିବା ଉପାସନା, ଗାୟତ୍ରୀ ମନ୍ତ୍ର, ସାଇ ଗାୟତ୍ରୀ ମନ୍ତ୍ର ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ସହ ଭଜନ ପରିବେଷଣ ହୋଇଥିଲା। ମହିଳାମାନେ ଅଷ୍ଟୋତ୍ତର ସତନାମାବଳୀ ଆବୃତ୍ତି କରିଥିଲେ। ଡାବୁଗାଁ ସମିତିର ସୋନାଲୀ ଦେବନାଥ ମାତା ଈଶରମ୍ମାଙ୍କ ବିଷୟରେ କହିଥିଲେ। ସମିତି ଆବାହକ ଏ.ବାଲରାଜୁ ନାମ ସ୍ମରଣ ଏକ ସର୍ବଶ୍ରେଷ୍ଠ ସାଧନା ବିଷୟରେ ବୁଝାଇଥିଲେ। ଏଥିରେ ନିତ୍ୟାନନ୍ଦ ମହାନ୍ତି, ସତ୍ୟ ନାରାୟଣ ଟାଟା, ଇ. ସରୋଜିନୀ, ରଞ୍ଜିତା ପରିଚ୍ଛା, ରେଣୁବାଳା ରାଉତ, ସ୍ୱାଗତିକା ପାଣିଗ୍ରାହୀ, ରତିକାନ୍ତ ନାୟକ, ଧଳେନ୍ଦ୍ର ଦାରୀ, ରାଇସିଂ ପୂଜାରୀ, ପବିତ୍ର ଜେନା, ରାଇନୁ ସୁନାଙ୍କ ସମେତ ପ୍ରାୟ ୩୦ ଜଣ ସାମିଲ ହୋଇଥିଲେ।

# ନାବାଳିକାଙ୍କ ନିର୍ବନ୍ଧ ରୋକିଲା ଚାଇଲ୍ଡଲାଇନ

**ନବରଙ୍ଗପୁର,୨୦।୧(ବି.ପ୍ର.)**

ପ୍ରସ୍ତାବିତ ନାବାଳିକା ବିବାହକୁ ନବରଙ୍ଗପୁର ଚାଇଲ୍ଡଲାଇନ ପକ୍ଷରୁ ରୋକାଯାଇଛି । ଝିଅ ଓ ପୁଅ ଘର ଉଭୟ ପକ୍ଷଙ୍କୁ ଚାଇଲ୍ଡଲାଇନ ଅଧିକାରୀ ସଚେତନ କରାଇଥିଲେ। ଝିଅକୁ ୧୮ବର୍ଷ ନ ହେବା ଯାଏ ତାଙ୍କ ବିବାହ କରାଯିବ ନାହିଁ ବୋଲି ଏକ ସହମତି ପତ୍ର ଝିଅଘର ଲିଖିତ ଭାବେ ଦେଇଛନ୍ତି।

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଞ୍ଚଳର ଜଣେ୧୬ ବର୍ଷୀୟା ନାବାଳିକାଙ୍କ ସହ ପାରିଆ ମାଝିଗୁଡା ଗାଁର ୨୧ବର୍ଷର ଯୁବକଙ୍କ ବିବାହ ପ୍ରସ୍ତାବ ପଡିଥିଲା। ସୋମବାର ଦୁଇ ପରିବାର ଘଟଗୁଡା ଆସି ବିବାହ ପାଇଁ ନିର୍ବନ୍ଧ କରୁଥିଲେ। ମାର୍ଚ୍ଚ ମାସରେ ବିବାହ କରାଯିବାକୁ ସ୍ଥିର ହୋଇଥିଲା। ଏହି ସମୟରେ କେହି ଜଣେ ଚାଇଲ୍ଡଲାଇନକୁ ୧୦୯୮ରେ ଫୋନ କରି ଘଟଣା ସମ୍ପର୍କରେ ଜଣାଇଥିଲା। ଏହାପରେ ଚାଇଲ୍ଡଲାଇନର ଟଙ୍କ ଜାନୀ, ଗ୍ରେସୀ ଖୋରା, ଇନ୍ଦୁରେଖା ଗୌଡ, ପ୍ରଶାନ୍ତ ମଣ୍ଡଳ, ସୁପରଭାଇଜର ଲଳିତା ମାଝୀ, ଅଙ୍ଗନୱାଡି କର୍ମୀ ପ୍ରତିମା ବେହେରା ଓ ୱାର୍ଡ ସଭ୍ୟ ବୃନ୍ଦାବନ ନାୟକ ଝିଅଘର ନିକଟରେ ପହଞ୍ଚି ଥିଲେ। ନାବାଳିକା ବିବାହ ଆଇନ ବିରୁଦ୍ଧ, ଝିଅକୁ ୧୮ ବର୍ଷ ନ ହେବା ପର୍ଯ୍ୟନ୍ତ ବିବାହ କରାଯାଇପାରିବ ନାହିଁ ବୋଲି ସେମାନେ କହିଥିଲେ। ଉଭୟ ପରିବାରଙ୍କ ସହମତି ପ୍ରକାରେ ଏକ ଲିଖିତ ପତ୍ର ମାଧ୍ୟମରେ ଝିଅକୁ ୧୮ ବର୍ଷ ନହେବା ଯାଏ ବିବାହ କରିବେ ନାହିଁ ବୋଲି ଜଣାଇଥିଲେ।




# ଡମ୍ବରୁ ମାଝିଙ୍କୁ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

**ନବରଙ୍ଗପୁର,୨୦।୧(ବି.ପ୍ର.)**

ପୂର୍ବତନ ମନ୍ତ୍ରୀ ତଥା ନବରଙ୍ଗପୁର ଗାଦବାଗୁଡା ନିବାସୀ ଡମ୍ବରୁ ମାଝି ରାୟପୁରସ୍ଥିତ ରାମକୃଷ୍ଣା କେୟାର ହସ୍ପିଟାଲରେ ହୃଦ୍‌ରୋଗରେ ପୀଡିତ ହୋଇ ୯ଦିନ ହେବ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅସ୍ତ୍ରୋପଚାର ପାଇଁ ୨୫ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ କହିଛନ୍ତି। ଏନେଇ ଆର୍ଥିକ ସହାୟତା ପାଇଁ ଛତିଶଗଡ ବସ୍ତର ଜିଲା ଜଗଦଲପୁର ପୂର୍ବତନ ବିଧାୟକ ଶୁଭଉ କଶ୍ୟପ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୧୬ ତାରିଖରେ ଚିଠି ଲେଖିଛନ୍ତି। ୨୫ ଲକ୍ଷ ଟଙ୍କା ଯୋଗାଡ କରିବା ଡମ୍ବରୁ ମାଝିଙ୍କ ପରିବାର ପାଇଁ କଷ୍ଟସାଧ୍ୟ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ବୋଲି ଚିଠିରେ ଉଲ୍ଲେଖ ରହିଛି। ଏହାର ଏକ ନକଲ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, କୋଟପାଡ଼ ବିଧାୟିକା ତଥା ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ମନ୍ତ୍ରୀ ପଦ୍ମିନୀ ଦିଆନଙ୍କୁ ଦେଇଛନ୍ତି।




# ଉଦ୍‌ଘାଟନୀ ମ୍ୟାଚରେ ଦାମନଯୋଡ଼ି ବିଜୟୀ

**କୋଷାଗୁମୁଡ଼ା,୨୦।୧(ଡି.ଏନ୍.ଏ.)–**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଷ୍ଟାଡିୟମରେ ମଧୁସୂଦନ ଦଳେଇ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ୮ ଦଳକୁ ନେଇ ପ୍ରତିଯୋଗିତା ୭ଦିନ ଧରି ଚାଲିବ। ଉଦ୍‌ଘାଟନୀ ମ୍ୟାଚରେ ବିବିଏସ୍‌ଆର୍ ଷ୍ଟାର ଇଲେଭେନ୍ ଦାମନଯୋଡ଼ି ଦଳକୁ ଭେଟିଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କୌଣସି ଗୋଲ କରି ପାରି ନ ଥିବାରୁ ପେନାଲ୍ଟି ସୁଟ୍ ଆଉଟ୍ କରାଯାଇଥିଲା। ପେନାଲ୍ଟି ସୁଟ୍‌ରେ ଦାମନଯୋଡି ୪–୧ରେ ଷ୍ଟାର୍ ଇଲେଭେନ୍‌କୁ ହରାଇଥିଲା। ଖେଳକୁ କିଶୋର କୁମାର ଶାହା ପରିଚାଳନା କରିଥିଲେ। ଉଦ୍‌ଘାଟନୀ ମ୍ୟାଚରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଗୀତାମଣି ସମରଥ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କମିଟି ସଭାପତିଙ୍କ ସହ ସ୍ଥାନୀୟ ଯୁବକ ସଂଘ ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

**ମଧୁସୂଦନ ଦଳେଇ ମେମୋରିଆଲ ଫୁଟବଲ ପ୍ରତିଯୋଗିତା**



ଅତିଥିଙ୍କ ସହ ଖେଳାଳିମାନେ।

**ବୈଦ୍ୟନାଥ**

**ଘର ମେଁ ଡକ୍ଟର**

ସାଧାରଣ ଅସୁସ୍ଥତା ପାଇଁ ଆୟୁର୍ବେଦିକ ଚିକିତ୍ସା



| ରୋଗ | ଔଷଧ |
|---|---|
| ଏସିଡିଟି | ଆୟୁସିଡ୍ ଟାବ୍‌ଲେଟ୍‌ସ, ଆକ୍ୱା ଜେଷ୍ଟ |
| ଆମୋବିଆସିସ୍ | ଆମୋଏବିକା ଟାବ୍‌ଲେଟ୍‌ସ, ଇସାବେଲ୍ – ଏଚ୍ |
| ଥଣ୍ଡା ଓ କାଶ | କାଶାମ୍ରିତ ହର୍ବାଲ୍, ଡ.ହନି |
| ଗ୍ୟାସ୍ | ଗ୍ୟାସ ଗାର୍ଡ୍, ଗୈସାନ୍ତକ୍ ବଟି |
| ଲିଭର ସମସ୍ୟା | ଲିଭେରଲ୍ ସିରପ ଓ ଟାବ୍‌ଲେଟ୍‌ସ, ଲିଭ୍ ଗୁଡ୍ |
| ପାଇଲ୍‌ସ | ପାଇଲୋସ୍ କ୍ୟାପ୍‌ସୁଲ୍, ପାଇରୋଏଡ୍‌ସ ଟାବ୍‌ଲେଟ୍‌ସ |
| କ୍ଲାନ୍ତିଭାବ ଓ ଦୁର୍ବଳତା | ଗୁଡ୍‌କେୟାର ଜେଷ୍ଟ ମେନ୍ ଏଣ୍ଡ ଓମେନ୍ କ୍ୟାପ୍‌ସୁଲ୍‌ସ |
| ପରିସ୍ରାଜନିତ (ୟୁରିନାରି) ସମସ୍ୟା | ପ୍ରୋସ ଗାର୍ଡ୍ କ୍ୟାପ୍‌ସୁଲ୍‌ସ, ପ୍ରୋଷ୍ଟେଡ୍ ଟାବଲେଟ୍‌ସ |
| ପରିସ୍ରାଜନିତ (ୟୁରିନାରି) ଷ୍ଟୋନ୍‌ସ | ପଥରିନା ଟାବ୍‌ଲେଟ୍‌ସ |
| ମହିଳାଙ୍କ ସମସ୍ୟା | ସୁନ୍ଦରି ଶାଖି, ବୈଦ୍ୟନାଥ ଅଶୋକାରିଷ୍ଟ |
| ପିମ୍ପଲ୍ ଓ ବ୍ରଣ | ଗୁଡ୍‌କେୟାର ପ୍ୟୁରିଫାଇଂ ଆଣ୍ଟି ଆକ୍‌ନେ ଫେସ୍ ୱସିରମ୍, ନିମ ଗାର୍ଡ୍, ସୁରକ୍ତା |
| କୋଲେଷ୍ଟ୍ରଲ | କୋଲେଷ୍ଟ ଗାର୍ଡ୍, ଗୁଡ୍ ହାର୍ଟ |
| ନିଦ୍ରାରେ ସମସ୍ୟା/ଇନ୍‌ସୋମ୍ନିଅ | ନାଇଟ୍‌ଜ କ୍ୟାପ୍‌ସୁଲ୍‌ସ |
| ଚାପ ଓ ଉଦ୍‌ବିଗ୍ନତା | ଷ୍ଟ୍ରେସ୍ ଗାର୍ଡ୍ କ୍ୟାପ୍‌ସୁଲ୍‌ସ |

ସମସ୍ତ ବୈଦ୍ୟନାଥ ଆୟୁର୍ବେଦିକ ରିଟେଲ୍ ସୋରୁମ୍ ଓ କ୍ଲିନିକ୍‌ରେ ଔଷଧ ଉପଲବ୍ଧ ଅଟେ

ଭୁବନେଶ୍ୱର-2596035, 2596036, 9437165004, 9668721777, କଟକ-2427570, 9439486929, 9438276544, 9437511462, ଆଠଗଡ଼-9132476972, ବାଲେଶ୍ୱର-9438725025, 9777093442, ଜଲେଶ୍ୱର-9040161611, ଭଦ୍ରକ-9437215761, ବାରିପଦା-253418, ରାଉରକେଲା-2522005, ବରଗଡ଼-9861246674, 9938645223, କୁଚିଣ୍ଡା-9437255846, କେନ୍ଦ୍ରାପଡ଼ା-9853631559, ଯାଜପୁର-9937316754, ପାଇକମାଳ-9437057611, ସମ୍ବଲପୁର-8763343900, ବ୍ରହ୍ମପୁର-9777122789, 9439328443, 9437438256, ପୁରୀ-9337291464, ପାରଳାଖେମୁଣ୍ଡି-9078830679, କେଉଁଝର-6370698870,9437136317, ମାଲ୍‌କାନଗିରି-9437435213, ଅନୁଗୁଳ-9938175640, ସୁନ୍ଦରଗଡ଼-7749070946, ବଲାଙ୍ଗିର-9437241839, ଖୋର୍ଦ୍ଧା-9937846846, ଭବାନିପାଟଣା-9437624887 Shop Online: www.baidyanath.com | www.goodcare.co.in



Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଭାଇଠାରୁ ବଳି ତୁମର କେହି ଶ୍ରେଷ୍ଠ ବନ୍ଧୁ ନାହାନ୍ତି। କର୍କଶ ବ୍ୟବହାର ଦ୍ୱାରା ଭାଇକୁ ଶତ୍ରୁ କର ନାହିଁ।
-କୌଟିଲ୍ୟ ଚାଣକ୍ୟ

# 'ନିଶାକୁ ନା' ପାଇଁ ୨୨ କି.ମି. ପଦଯାତ୍ରା

ଜୟପୁର,୨୦।୧(ନି.ପ୍ର.)

ଯୁବପିଢ଼ି ଯେଉଁଠି ନିଶାରେ ମାତିଛନ୍ତି ଓ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛନ୍ତି, ସେଇଠି ସଚେତନତାର ଚିରୁଡ଼ାଏ ଆଲୋକ ହୋଇ ନିଶାକୁ ନା କହୁଛନ୍ତି ଦେବୀ। ପୂରା ନାଁ ଦେବୀଶଙ୍କର ବ୍ରହ୍ମା। ସମାଜ ଓ ଯୁବପିଢ଼ିକୁ ନିଶାମୁକ୍ତ କରିବାକୁ ସେ 'ନିଶାକୁ ନା' ଅଭିଯାନରେ ବାହାରିଛନ୍ତି।

ଜୟପୁର ମୁଖ୍ୟରାସ୍ତାରେ ଥିବା ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ସୋମବାର ପୁଷ୍ପମାଲ୍ୟ ଅର୍ପଣ କରି କୋରାପୁଟ ଜିଲା ସଦର ମହକୁମା ଅଭିମୁଖେ ପଦଯାତ୍ରାରେ ବାହାରିଥିଲେ ଦେବୀଶଙ୍କର। ୨୨ କିମିର ପଦଯାତ୍ରା ପରେ ସେ କୋରାପୁଟରେ ପହଞ୍ଚି ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ସହକାରୀ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ନିଶା ନିବାରଣ ପାଇଁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ନିଶା ପାଇଁ ସମସ୍ତେ ଦିଗଭ୍ରଷ୍ଟ। ନିଶା ନିବାରଣ କ୍ଷେତ୍ରରେ ଆଖିଦୃଶିଆ ପଦକ୍ଷେପ ନେଲେ ଅବିଭକ୍ତ କୋରାପୁଟ ଜିଲାବାସୀ ସୁଖ, ଶାନ୍ତି ସମୃଦ୍ଧିରେ ବଞ୍ଚିପାରିବେ ବୋଲି ଦେବୀଶଙ୍କର ଆଶା ରଖିଛନ୍ତି। ନିଶାକୁ ନ ରୋକିଲେ ଯୁବପିଢ଼ି ଓ ସମାଜ ଦିଗଭ୍ରଷ୍ଟ ଧ୍ୱଂସ ଆଡ଼କୁ ଗତି କରୁଛି। ନିଶା ପ୍ରଭାବରେ ଗଣବଳାତ୍କାରଠାରୁ ଆରମ୍ଭ କରି ଚୋରି, ଡକାୟତି, ରାହାଜାନି ଭଳି ଅପରାଧ ବଢ଼ିବାରେ ଲାଗିଛି। ତେଣୁ ନିଶାମୁକ୍ତ କୋରାପୁଟ ଗଠନ କରିବା ପାଇଁ ଦେବୀଶଙ୍କରଙ୍କ ଏହି ପଦଯାତ୍ରାକୁ ସବୁ ମହଲରୁ ସ୍ୱାଗତ କରାଯାଇଛି।

**ଦେବୀଶଙ୍କରଙ୍କ ଅଭିଯାନ**
- ଜୟପୁରରୁ ଚାଲିଚାଲି ଗଲେ କୋରାପୁଟ
- ଜିଲାପାଳ, ସହକାରୀ ଜିଲାପାଳଙ୍କୁ ଦେଲେ ଦାବିପତ୍ର



କୋରାପୁଟ ଅଭିମୁଖେ ପଦଯାତ୍ରାରେ ବାହାରିଛନ୍ତି ଦେବୀଶଙ୍କର ବ୍ରହ୍ମା।

## ସଂକ୍ଷେପରେ

### ଦୁର୍ଲ୍ଲାଘାଟକୁ ମିଳିଲା ପାୱାର ବୋଟ୍



କୋରାପୁଟ,୨୦।୧(ସ୍ୱ.ପ୍ର.): କୋଲାବ ଜଳଭଣ୍ଡାର ଲମତାପୁଟ ବ୍ଲକର ଦୁର୍ଲ୍ଲାଘାଟ ପାଇଁ ସୋମବାର ଜିଲା ପ୍ରଶାସନ ପକ୍ଷରୁ ପାୱାର ବୋଟ୍ ପ୍ରଦାନ କରାଯାଇଛି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପାୱାର ବୋଟ୍ ପ୍ରଦାନ କରିବା ସହ ଏହାଦ୍ୱାରା ବିଚ୍ଛିନ୍ନାଞ୍ଚଳ ଗ୍ରାମବାସୀ ଯିବା ଆସିବାରେ ସହାୟକ ହେବ। ୨୦୧୮-୧୯ରେ ଏସ୍‌ସିଏ ପାଣ୍ଠିରେ କିଣାଯାଇଥିବା ଏହି ପାୱାର ବୋଟ୍ ଦ୍ୱାରା ଅଞ୍ଚଳବାସୀ ଉପକୃତ ହେବେ ବୋଲି ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ତୁଳସୀ କିର୍ସାନି, ଡିଆର୍‌ଡିଏ ପିଡି ପ୍ରବୀର ପାତ୍ର, ଲମତାପୁଟ ବିଡିଓ ଏବଂ ତହସିଲଦାରଙ୍କ ସମେତ ଜିଲା ଜରୁରୀ କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ।

### ୨୯ରେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ଧାରଣା

ଜୟପୁର,୨୦।୧(ଡି.ଏନ୍.ଏ.): ଅବିଭକ୍ତ କୋରାପୁଟ ଜିଲାରେ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥା ଓ ଚିଟଫଣ୍ଡରେ କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ଜୟପୁରରେ ସୋମବାର ଏକ ବୈଠକ ହୋଇଛି। ଏଥିରେ ଠକାମିର ଶୀକାର ହୋଇଥିବା ଜମାକାରୀଙ୍କ ତହସିଲ ମାଧମରେ କାଗଜପତ୍ର ଯାଞ୍ଚ ଓ ଜମା ଟଙ୍କା ଫେରାଇବାକୁ ଦାବି ହୋଇଛି। ଏନେଇ ଆସନ୍ତା ୨୯ରେ ମାଲକାନଗିରି ଜିଲା ସଦରରେ ଧାରଣା ଦିଆଯିବା ପାଇଁ ନିଷ୍ପତ୍ତି ହୋଇଛି। ଫେବୃୟାରୀରେ କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ସଦରରେ ଧାରଣା ଦିଆଯିବ। ବୈଠକରେ ସଂଘର ଜିଲା ସଭାପତି ଅଖିଳ ତାପାଲି, ରାଜ୍ୟ ସଂପାଦକ ପ୍ରଦୀପ ମହାରଣା, ଲକ୍ଷ୍ମଣ ନାୟକ, ରାମନା ଶିଶା, ସଦାନନ୍ଦ ଗୁଣ୍ଡା, ଜଗଦୀଶ ବେପାରୀ, ଆଶିଷ ବିଶ୍ୱାସ, ଭଗତ ଦୋରା, ସୁନାଧର ବାକା ଉପସ୍ଥିତ ଥିଲେ।

### ୧୦୮ ଜଣଙ୍କୁ ଭତ୍ତା



ସେମିଳିଗୁଡ଼ା,୨୦।୧(ସ୍ୱ.ପ୍ର.): ସେମିଳିଗୁଡ଼ା ବ୍ଲକରେ ସୋମବାର ମଧୁବାବୁ ପେନସନ ଯୋଜନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଛନ୍ତି ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ। କାର୍ଯ୍ୟକ୍ରମର ଶୁଭାରମ୍ଭ କରି ସେମିଳିଗୁଡ଼ା ବ୍ଲକର ୧୬ଟି ପଞ୍ଚାୟତର ୧୦୮ ଜଣ ହିତାଧିକାରୀଙ୍କୁ ବିଧାୟକ ଭତ୍ତା ପ୍ରଦାନ କରିଛନ୍ତି। ସମସ୍ତ ହିତାଧିକାରୀଙ୍କୁ ଭତ୍ତା ଟଙ୍କାର ସୁବିନିଯୋଗ କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେମିଳିଗୁଡ଼ା ବ୍ଲକ ଅଧକ୍ଷ ଦୀନେଶ ଖରା, ବ୍ଲକ ସାମାଜିକ ଅଧିକାରୀ ସୁସ୍ମିତା ସ୍ୱାଇଁ, ଦଳେଇଗୁଡ଼ା ସମିତିସଭ୍ୟ ଅନନ୍ତ ରାମ ମାଟାମ, ୧୬ଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

# ଡିଏଫ୍‌ଓ ଅଫିସ୍ ଘେରିଲେ ଋତୁକାଳୀନ କର୍ମଚାରୀ

## ବକେୟା ପାରିଶ୍ରମିକ, ଭତ୍ତା ଦାବି


ଡିଏଫ୍‌ଓ ଅଫିସ ଘେରିବାକୁ ଆସିଥିବା ଋତୁକାଳୀନ କର୍ମଚାରୀମାନେ।

ଜୟପୁର,୨୦।୧(ଡି.ଏନ୍.ଏ.)

ଜୟପୁରସ୍ଥିତ କେନ୍ଦୁପତ୍ର ଡିଭିଜନାଲ ଫରେଷ୍ଟ ଅଧିକାରୀଙ୍କ କାର୍ଯ୍ୟାଳୟକୁ ସୋମବାର ଘେରିଛନ୍ତି ୩ଟି ଜିଲାର ଋତୁକାଳୀନ କର୍ମଚାରୀ। ବକେୟା ଟଙ୍କା, ଅନ୍ୟାନ୍ୟ ଭତ୍ତା ଦାବିକରି ସେମାନେ ସୋମବାର ଘେରାଉ କରିବା ସହ ସ୍ମାରକପତ୍ର ଦେଇଛନ୍ତି।

ଜୟପୁର ଡିଭିଜନ ଅନ୍ତର୍ଗତ କୋରାପୁଟ, ମାଲକାନଗିରି, ରାୟଗଡ଼ା ଜିଲାର ଋତୁକାଳୀନ କର୍ମଚାରୀ ୨୦୧୯ ଫେବୃୟାରୀରୁ କେନ୍ଦୁଗୋଚ୍ଛା କଟେଇ, କେନ୍ଦୁପତ୍ର କିଣା, ପ୍ୟାକିଂ ଭଳି କାମରେ ୪ରୁ ୫ ମାସ ନିୟୋଜିତ ହୁଅନ୍ତି। ଏ ବାବଦକୁ ସେମାନଙ୍କୁ କିସ୍ତି ଅନୁଯାୟୀ ପାରିଶ୍ରମିକ ଦିଆଯିବା ଯୋଗୁ ବକେୟା ରହିଯାଉଛି। ୭ ଦିନ ଭିତରେ ବକେୟା ପୈଠ କରିବାକୁ ସେମାନେ ଦାବି କରିଛନ୍ତି। କେନ୍ଦୁପତ୍ର ଯୋଜନାରେ ମୃତ୍ୟୁକାଳୀନ ସହାୟତା, ଛାତ୍ର ବୃତ୍ତି, କନ୍ୟା ବିବାହ, ଅବସରକାଳୀନ ଗ୍ରାଚୁଇଟି ଅର୍ଥ ଶୀଘ୍ର ଦେବା ପାଇଁ ମଧ ଦାବି ହୋଇଛି। ଗତ ରବିବାର ବୈପାରୀଗୁଡ଼ାରେ ୩ଟି ଜିଲାର କର୍ମଚାରୀଙ୍କୁ ନେଇ ବୈଠକ ବସିଥିଲା। ଦାବି ପୂରଣ ପାଇଁ ପଦକ୍ଷେପ ନ ହେଲେ ଫେବୃୟାରୀରୁ ଆରମ୍ଭ ହେବାକୁ ଥିବା କେନ୍ଦୁପତ୍ର ତୋଳା କାର୍ଯ୍ୟ ବର୍ଜନ କରିବାକୁ ସେଥିରେ ନିଷ୍ପତ୍ତି ହୋଇଛି। ଏନେଇ ଡିଏଫ୍‌ଓ ଆଇ.ଜେଡ. ଖାନଙ୍କୁ ସ୍ମାରକପତ୍ର ଦିଆଯାଇଛି। ସେ କହିଛନ୍ତି, ଚଳିତ ବର୍ଷ କେନ୍ଦୁପତ୍ର ଦାମ୍ କମିଥିବା ଯୋଗୁ ନିଗମ ତାହା ବିକିପାରି ନ ଥିବାରୁ ବିଭାଗରେ ଟଙ୍କା ଜମା ହୋଇପାରିନାହିଁ। ଏନେଇ ସରକାରଙ୍କୁ ଅବଗତ କରାଯାଇଛଇ। ସିଜନାଲ କର୍ମଚାରୀଙ୍କ ବକେୟା ଶୀଘ୍ର ମିଳିବ। ସୋମବାର ଘେରାଉ ବେଳେ କର୍ମଚାରୀ ଜି. ନରେନ୍ଦ୍ର ରାଓ, ପ୍ରଫୁଲ୍ଲ ପାତ୍ର, ରତ୍ନ ମାଝି, ଅଭି ବେହେରା, ପ୍ରଶାନ୍ତ ବେହେରା, କୃତୀ ନାୟକ, ମକର ପୂଜାରୀ, ତ୍ରିନାଥ ଦାସ, ମଙ୍ଗଳା ଦୁରୁଆ, ଗୋପୀନାଥ ମାଝି, ମୁକୁନ୍ଦ ଭୂମିଆ ଓ ସୁନୀଲ ମଣ୍ଡଳ ଉପସ୍ଥିତ ଥିଲେ।

# ବିଷ ପିଇ ଆତ୍ମହତ୍ୟା ଉଦ୍ୟମ

ଦଶମନ୍ତପୁର,୨୦।୧(ଡି.ଏନ୍.ଏ.):

ଦଶମନ୍ତପୁର ବ୍ଲକ ପିଣ୍ଡାପଦର ପଞ୍ଚାୟତ ଅଧୀନରେ ଥିବା ଦେଓଖୋଡ଼କ ଗ୍ରାମରେ ଜଣେ ବୃଦ୍ଧ ପାରିବାରିକ କଳହରୁ ବିଷ ଓ ଭାଙ୍ଗ ଖାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ସୁବାସ ପୂଜାରୀ (୫୫)। ରବିବାର ରାତିରେ ଗାଁରେ ଏକ ଉତ୍ସବ ଚାଲିଥିଲା। ଦୁଇ ଝିଅ ଉତ୍ସବରେ ରାତି ତମାମ ମଉଜରେ ମସଗୁଲ ଥିବାବେଳେ ସୁବାସ ଓ ତାଙ୍କ ସ୍ତ୍ରୀ କାଞ୍ଚନ ଉତ୍ସବରୁ ମଦ୍ୟପାନ କରି ଘରକୁ ଫେରିଥିଲେ। ଘରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ମର୍ମାହତ ହୋଇ ସୁବାସ ସକାଳୁ ଘରେ ଥିବା କୀଟନାଶକ ଓ ଭାଙ୍ଗ ମିଶାଇ ପିଇ ଦେଇଥିଲେ। ଖବର ପାଇ ଗାଁ ଲୋକେ ତୁରନ୍ତ ତାଙ୍କୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଥିବାରୁ ସୁବାସଙ୍କୁ ଜିଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ବର୍ତ୍ତମାନ ସୁବାସ କିଛିକାଂଶରେ ସୁସ୍ଥ ଥିବା ତାଙ୍କ ବଡ଼ପୁଅ ଯୁଧିଷ୍ଠିର ପୂଜାରୀ ପ୍ରକାଶ କହିଛନ୍ତି।

# ୪୨ ଅଭିଯୋଗ ଶୁଣିଲେ ଜିଲାପାଳ

ଲମତାପୁଟ,୨୦।୧(ଡି.ଏନ୍.ଏ.)

ଲମତାପୁଟ ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମିତି ପ୍ରାଙ୍ଗଣରେ ଜିଲାପାଳ ମଧୁସୂଦନ ମିଶ୍ର ବ୍ଲକର ୧୫ଟି ପଞ୍ଚାୟତର ବିଭିନ୍ନ ଗ୍ରାମର ୪୨ଟି ଅଭିଯୋଗ ଶୁଣିଛନ୍ତି। ପାନୀୟଜଳ, ନୂତନ ବିଦ୍ୟାଳୟ, ପୋଲ ଓ କଲଭର୍ଟ ସମ୍ପର୍କିତ ଅଧିକାଂଶ ଅଭିଯୋଗ ଆସିଥିଲା। ତୁରନ୍ତ ଏହାର ସମାଧାନ କରିବା ପାଇଁ ଜିଲାପାଳ ସମସ୍ତ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖରାଦିନେ ଗ୍ରାମାଞ୍ଚଳରେ ପାନୀୟଜଳର ଅଭାବ ନ ରହିବା ପାଇଁ ଦୃଷ୍ଟି ଦେବାକୁ ମଧ ସେ କହିଥିଲେ। ନିର୍ମାଣାଧୀନ କାର୍ଯ୍ୟ ଅଧାପନ୍ତରିଆ ରହିବା ଓ ଠିକ୍ ସମୟରେ ମଜୁରି ମିଳୁ ନ ଥିବା ନେଇ ଅଭିଯୋଗ ହୋଇଥିଲା। ଏହାର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ବେଳେ ଲମତାପୁଟ ବିଡିଓ ସୌମ୍ୟ ସାର୍ଥକ ମିଶ୍ର, ବ୍ଲକ ଅଧକ୍ଷା ଲକ୍ଷ୍ମୀ ହନ୍ତାଳ, ତହସିଲଦାର ସ୍ନେହପ୍ରଭା ମାଝି, ଆଇଆଇସି ପ୍ରଫୁଲ୍ଲ ଲାକ୍ରା ଉପସ୍ଥିତ ଥିଲେ।



ଜିଲାପାଳ ମଧୁସୂଦନ ମିଶ୍ର ଲମତାପୁଟରେ ଅଭିଯୋଗ ଶୁଣୁଛନ୍ତି।

# ଧାନବିକା ଟଙ୍କା ଦାବିକଲେ ଚାଷୀ

## ଉପଜିଲାପାଳଙ୍କୁ ଦାବିପତ୍ର

ଜୟପୁର,୨୦।୧(ଡି.ଏନ୍.ଏ.):

କୁନ୍ଦୁରା ବ୍ଲକ ରାଣୀଗୁଡ଼ା ପଞ୍ଚାୟତର ଚାଷୀମାନେ ଗତ ଡିସେମ୍ବର ୪ରୁ ମଣ୍ଡିରେ ଖରିଫ ଧାନ ବିକିଥିଲେ ମଧ ତାହାର ଟଙ୍କା ପାଇନାହାନ୍ତି। ଏନେଇ ଜିଲା ଯୋଗାଣ ଅଧିକାରୀ ଓ ସମବାୟ ବିଭାଗର ଏଆରସିଏସ୍‌ଙ୍କୁ ଭେଟି ଅଭିଯୋଗ କରାଯାଇଛି। କିନ୍ତୁ ଉଭୟ ବିଭାଗର ଅଧିକାରୀ କିଛି ପଦକ୍ଷେପ ନେଇନାହାନ୍ତି। ତେଣୁ ଉପଜିଲାପାଳଙ୍କୁ ସୋମବାର ସ୍ମାରକପତ୍ର ଦେଇଛନ୍ତି ଚାଷୀ। ରବି ଫସଲ ପାଇଁ ଜମିର ମରାମତି, ବିହନ ଓ ସାର କିଣିବାକୁ ଅର୍ଥର ଆବଶ୍ୟକତା ଥିବାବେଳେ ଠିକ ସମୟରେ ଟଙ୍କା ନ ମିଳିଲେ ଆଗାମୀ ରବିଫସଲ ଅମଳରେ ବିଳମ୍ବ ହେବା ଆଶଙ୍କା ରହିଛି। ଯୋଗାଣ ଓ ସମବାୟ ବିଭାଗ ଅପାରଗତା ଯୋଗୁ ଏପରି ସମସ୍ୟା ହୋଇଛି ବୋଲି ଚାଷୀ ମୀନକେତନ ଦିଶାରୀ, ଲକ୍ଷ୍ମଣ ନାୟକ, ବନବିହାରୀ ଗନ୍ତାୟତ, ପୀତାମ୍ବର ହରିଜନ, ମଦନମୋହନ ଭତ୍ରା, ଶିବ ପ୍ରଧାନୀ, ସମଦାଶ ଚାଲାଣ ଅଭିଯୋଗ କରିଛନ୍ତି।

# ଭୀମଭୋଇ ସାମର୍ଥ୍ୟ ଶିବିର

ଦଶମନ୍ତପୁର,୨୦।୧(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକରେ ସୋମବାର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବିଡିଓ ଡମ୍ବରୁଧର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ବ୍ଲକ ଉପାଧ୍ୟକ୍ଷ ତଥା ବିଜେଡି ଜିଲା ଉପସଭାପତି ନାରାୟଣ ବିଶୋଇ, ତହସିଲଦାର ଅଜୟ ପ୍ରକାଶ ତିର୍କି, ଚିକିତ୍ସାଧିକାରୀ ଅବିନାଶ ବାରିକ ଯୋଗ ଦେଇଥିଲେ। ଏଥିରେ ଶ୍ରବଣ ଓ ଦୃଷ୍ଟିବାଧିତ ବିଭାଗ, ମୂକ, ବଧିର ବିଭାଗ, ଦକ୍ଷତା ବୃଦ୍ଧି, ବୈଷୟିକ ଶିକ୍ଷା, ବାଣୀଶ୍ରୀ ବୃତ୍ତି, ଆବାସ ଯୋଜନା, ଭତ୍ତା, ଆୟ ଓ ବାସିନ୍ଦା ପ୍ରମାଣପତ୍ର, ସହାୟତା ଉପକରଣ, ରେଳ ଓ ବସ୍ ପାସ୍ ପାଇଁ ବିଭିନ୍ନ ଷ୍ଟଲ ଖୋଲିଥିଲା। କାର୍ଯ୍ୟକ୍ରମକୁ ବିଏସ୍‌ଏସ୍‌ଓ ଗୌତମ ଚରଣ ଗୁଲାମ ଓ ଏସ୍‌ଇଓ ପରିଚାଳନ କରିଥିଲେ।


ସାମର୍ଥ୍ୟ ଶିବିରରେ ଲକ୍ଷ୍ମୀପୁର ବିଧାୟକ ଓ ଅନ୍ୟ ଅତିଥିମାନେ ହୁଇଲ୍ ଚେୟାର ବାଣ୍ଟୁଛନ୍ତି।

# ଫୁଲବଡି ଟ୍ରକ୍‌ରେ ଗଞ୍ଜେଇ ଯାଉଥିଲା ବିହାର

ସେମିଳିଗୁଡ଼ା,୨୦।୧(ସ୍ୱ.ପ୍ର.)

ଫୁଲବଡି ଟ୍ରକ୍‌ରେ ଗଞ୍ଜେଇ। ଏହିଭଳି ଉପାୟରେ ଚାଲାଣ ହେଉଥିବା ବେଳେ ପୋଲିସ ୮୪୭ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ବିହାରର ୨ ଜଣ ଅଭିଯୁକ୍ତ ଗିରଫ ହୋଇଥିବା ଖବରଦାତା ସମ୍ମିଳନୀରେ ସୁନାବେଡ଼ା ଏସ୍‌ଡିପିଓ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସେମିଳିଗୁଡ଼ା ପୋଲିସ ପକ୍ଷରୁ ସୋମବାର ମଧ୍ୟାହ୍ନରେ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ନନ୍ଦପୁରରୁ ସେମିଳିଗୁଡ଼ା ଆସୁଥିବା ଏକ ଫୁଲବଡି ଟ୍ରକ୍ ରାଜପୁଟ ଛକ ନିକଟରେ ପୋଲିସର ପାଟ୍ରୋଲିଂ ଗାଡ଼ିକୁ ଦ୍ରୁତଗତିରେ ଅତିକ୍ରମ କରି ଚାଲିଯିବା ଦେଖି ସନ୍ଦେହରେ ଉକ୍ତ ଟ୍ରକର ପିଛା କରିଥିଲା ପୋଲିସ। ବୋଡ଼େଙ୍ଗା ଛକ ନିକଟରେ ଗାଡ଼ିକୁ କାବୁ କରି ଯାଞ୍ଚ କରିବା ବେଳେ ସେଥିରୁ ୮୪୭ କେଜି ଗଞ୍ଜେଇ ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଥିଲା। ଏଥିରେ ସମ୍ପୃକ୍ତ ଥିବା ଡ୍ରାଇଭର ଏବଂ ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଥିଲା। ଗିରଫ ୨ ଅଭିଯୁକ୍ତ ହେଲେ ସଞ୍ଜୟ କୁମାର (୨୯) ଓ କୁନ୍ଦନ କୁମାର (୧୯)। ଏମାନେ ବିହାର ରାଜ୍ୟ ବୈଶାଳୀ ଅଞ୍ଚଳର ବୋଲି ଜଣାପଡ଼ିଛି। ଜବତ ଗଞ୍ଜେଇର ମୂଲ୍ୟ ୮୦ ଲକ୍ଷରୁ ଅଧିକ ହେବ। ନନ୍ଦପୁରରୁ ଏହା ବିହାରକୁ ଚାଲାଣ ହେଉଥିବା ଅଭିଯୁକ୍ତଙ୍କୁ ପଚରାଉଚୁରା ବେଳେ ଜଣାପଡ଼ିଛି। ଏନେଇ ସେମିଳିଗୁଡ଼ା ଥାନା ୟୁଏସ୍ ୨୦(ବି)ରେ ମାମଲା ରୁଜୁ କରାଯାଇଛି। ୨ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ।


ଜବତ ଗଞ୍ଜେଇ ଓ ଗିରଫ ଅଭିଯୁକ୍ତମାନେ।

- ୮୪୭ କେଜି ଗଞ୍ଜେଇ ଜବତ
- ବିହାରର ୨ ଅଭିଯୁକ୍ତ ଗିରଫ

# ଆଳିୟ ଖଣ୍ଡାୟତ ସମାଜ ବାର୍ଷିକ ଉତ୍ସବ

ସୁନାବେଡ଼ା,୨୦।୧

ନିଖିଳ ଉତ୍କଳ ଆଳିୟ ଖଣ୍ଡାୟତ ସମାଜ, ସୁନାବେଡ଼ା ମଣ୍ଡଳର ୩୫ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଆୟୋଜିତ ହୋଇଛି। ମଣ୍ଡଳ ସଭାପତି ହରିବନ୍ଧୁ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମଣ୍ଡଳର କେନ୍ଦ୍ରୀୟ ସଦସ୍ୟ ଗୋପୀନାଥ ନାୟକ ମଞ୍ଚ ପରିଚାଳନା, ସାଧାରଣ ସମ୍ପାଦକ ସଞ୍ଜୟ ନାୟକ ବାର୍ଷିକ ବିବରଣୀ ପାଠ, ଉପସଭାପତି କୃଷ୍ଣ ପ୍ରସାଦ ନାୟକ ସହଯୋଗ କରିଥିଲେ। ଏହି ଉତ୍ସବରେ ରାଉରକେଲା ମଣ୍ଡଳ ସଭାପତି ନାରାୟଣ ମହାନ୍ତି, ସମ୍ପାଦକ ତ୍ରିଲୋଚନ ଜେନା, ଭୁବନେଶ୍ୱର ମଣ୍ଡଳ ସଭାପତି ଜୟରାମ ମଲ୍ଲିକ, ବରଗାଁ ମଣ୍ଡଳ ଉପସଭାପତି ସନ୍ତୋଷ ନାୟକ, କେନ୍ଦ୍ରୀୟ କମିଟି ସଦସ୍ୟ ନିରଞ୍ଜନ ନାୟକ, କୋଷାଧ୍ୟକ୍ଷ ବିଜୁଳି ଜେନା, କମାଗଡ଼ ସଭାପତି ରାଜେନ୍ଦ୍ର ପଲେଇ, ସଂଗଠନ ସମ୍ପାଦକ ଡା. ରାଉତ, ଉପସଭାପତି କରୁଣାକର ମହାନ୍ତି, ରାୟଗଡ଼ା ମଣ୍ଡଳ ସଭାପତି ରଘୁନାଥ ସ୍ୱାଇଁ, କେନ୍ଦ୍ରୀୟ କମିଟି ସଦସ୍ୟ ପ୍ରଫୁଲ୍ଲ ଜେନା, ବ୍ରହ୍ମପୁର ମଣ୍ଡଳ କେନ୍ଦ୍ରୀୟ ସଦସ୍ୟ ଭିକାରି ଚରଣ ନାୟକ, ପୂର୍ବତନ କେନ୍ଦ୍ରୀୟ କମିଟି ନିର୍ବାଚନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତି, କେନ୍ଦ୍ରୀୟ ସଂଗଠନ ସମ୍ପାଦକ ଖଲି ପରିଡ଼ା, ଗହଙ୍ଗୁ ମଣ୍ଡଳ କେନ୍ଦ୍ରୀୟ କମିଟି ସଦସ୍ୟ ମନୋଜ ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରରୁ ଆସିଥିବା ମଣ୍ଡଳ ସଭାପତି ଓ ସମସ୍ତ ପଲ୍ଲୀ ସଭାପତି, ମଣ୍ଡଳର କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁନାବେଡ଼ା ଏଇଏଫ ପଲ୍ଲୀ ସଭାପତି ଅଲେଖ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ମଣ୍ଡଳ ସଂଗଠନ ସମ୍ପାଦକ ଶଶଧର ରାଉତ ଧନ୍ୟବାଦ ଦେଇଥିଲେ।


ବାର୍ଷିକ ଉତ୍ସବରେ ଯୋଗଦେଇଥବବା ଅତିଥି ଓ ଖଣ୍ଡାୟତ ସମାଜର କର୍ମକର୍ତ୍ତା।

# 'ଚାକିରି ବଦଳରେ ସ୍ୱାବଲମ୍ବୀ ହୁଅନ୍ତୁ କିନ୍ନର'

**ସଚେତନତା ଶିବିର**

ଜୟପୁର,୨୦।୧(ଡି.ଏନ୍.ଏ.)

ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୋମବାର ସ୍ଥାନୀୟ ଏଟିଆର ଭବନରେ କିନ୍ନରଙ୍କ ସ୍ୱାବଲମ୍ବନ ଓ ମୌଳିକ ଅଧିକାର ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରାଧିକରଣ ଅଧକ୍ଷ ତଥା ଜିଲା ଜଜ୍ ବିମଳ ଚାନ୍ଦ ଏହାର ଉଦ୍‌ଘାଟନ କରି କିନ୍ନରମାନେ ଚାକିରି ପଛରେ ନ ଧାଇଁ ବ୍ୟବସାୟ କିମ୍ବା ଅନ୍ୟ କୁଶଳୀ କାମର ତାଲିମ ନେଇ ନିଜସ୍ୱ ପ୍ରତିଷ୍ଠାନ କରିବାକୁ ଆହ୍ୱାନ ଦେଇଥିଲେ। ପ୍ରାଧିକରଣ ସଂପାଦିକା ଲଳିତା ମଞ୍ଜରୀ ପଟ୍ଟନାୟକ କହିଥିଲେ, କିନ୍ନରମାନେ ସରକାରଙ୍କ ପକ୍ଷରୁ ତାଲିମ ନେଇ ବ୍ୟାଙ୍କ ଋଣରେ ବ୍ୟବସାୟ କରି ସ୍ୱାବଲମ୍ବୀ ହୋଇପାରିବେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ବାରିକ, ଥାନା ଏସ୍‌ଆଇ ସୀମା ସଙ୍ଗୀତା ଲୁଗୁନ୍, ଆଇନଜୀବୀ ଏମ୍. ଆଶାଲତା, କିନ୍ନର ସଂଘ ସଭାପତି ରାଜେଶ୍ୱରୀ ନାୟକ ମଞ୍ଚାସୀନ ଥିଲେ। ପାରାଲିଗାଲ କର୍ମୀ ସୋମନାଥ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ପ୍ରାଧିକରଣ ସଚେତନତା ଶିବିରରେ ଉପସ୍ଥିତ କିନ୍ନରମାନେ।



ଭଗବାନ କାହାକୁ ପୂର୍ଣ୍ଣ ନିର୍ଭରଶୀଳ କରିନାହାନ୍ତି। ଦରିଦ୍ର କେବଳ ଧନୀ ଉପରେ ନିର୍ଭର କରେ ନାହିଁ, ଧନୀ ମଧ ଦରିଦ୍ର ଉପରେ ନିର୍ଭର କରେ।
-ପଣ୍ଡିତ ନୀଳକଣ୍ଠ ଦାସ

# ରାୟଗଡ଼ାରେ ରାଜସ୍ଥାନ କୁମ୍ଭାରଙ୍କ ବେଶ୍ ଚାହିଦା

ରାୟଗଡ଼ା ଅଫିସ ,୨୦।୧



ରାସ୍ତା କଡ଼ରେ ବିକ୍ରି କରାଯାଉଛି ମୂର୍ତ୍ତି।

ରାଜ୍ୟ ବାହାର କୁମ୍ଭାରଙ୍କ ରାୟଗଡ଼ାରେ ବେଶ୍ ଚାହିଦା । ରାୟଗଡ଼ାରେ ପ୍ରତି ବର୍ଷ ପୂଜା ପାର୍ବଣ ସମୟରେ ସେମାନଙ୍କୁ ଦେଖିବାକୁ ମିଳିଥାଏ । ସେମାନେ ପୂଜାର କିଛି ମାସ ପୂର୍ବରୁ ଆସି ଏଠାରେ ବ୍ୟବସାୟ କରି ବେଶ ଲାଭବାନ୍ ହୋଇଥାନ୍ତି । ଏଇ ଆଶା ନେଇ ରାଜସ୍ଥାନର ଏକ କୁମ୍ଭାର ପରିବାର ଏବଂ ତାଙ୍କ ସମ୍ପର୍କୀୟ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ରାୟଗଡ଼ା ଆସି ବ୍ୟବସାୟ କରୁଛନ୍ତି । ରାୟଗଡ଼ାରେ ଅନେକ କୁମ୍ଭାର ଥିଲେ ମଧ୍ୟ ସେମାନଙ୍କ କାରୁକାର୍ଯ୍ୟ ଅତି ନିଆରା । ଏଠାରେ କୁମ୍ଭାରମାନେ ପ୍ଲାଷ୍ଟର ଅଫ ପ୍ୟାରିସ ବ୍ୟବହାର କରନ୍ତି, ମାଟି ବ୍ୟବହାର କରନ୍ତି ନାହିଁ। ଏହା ପରିବେଶକୁ ପ୍ରଦୂଷଣ କରେ ନାହିଁ । ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତିଠାରୁ ଆରମ୍ଭ କରି ଘରସଜା ସାମଗ୍ରୀ କଳସ , ମୟୂର , କୁମ୍ଭି , ଶୁଆ , ଲାଫିଙ୍ଗ୍ ବୃଦ୍ଧ ବିକ୍ରି କରିଥାନ୍ତି । ସେମାନଙ୍କର ସବୁଠାରୁ ବେଶି ଆକର୍ଷିତ ହେଉଛି ପାଳରେ ନିର୍ମିତ ଘୋଡ଼ା । ଏହା ବେଶୀ ଚାହିଦା ଥିବାରୁ ଅଧିକ ବିକ୍ରି ହୋଇଥାଏ ବୋଲି କହିଛନ୍ତି ଧନରାଜ ରାଠୋଡ଼ । ରାୟଗଡ଼ାରେ ୧୦ରୁ ଉର୍ଦ୍ଧ୍ୱ ବର୍ଷ ଧରି ସେ ଆସି ଏହି ବ୍ୟବସାୟ କରୁଛନ୍ତି । ଏହିସବୁ ସାମଗ୍ରୀ ରାୟଗଡ଼ାର ଅନ୍ୟ ମୂର୍ତ୍ତି ଦୋକାନରେ ମିଳୁ ନ ଥିବାରୁ ଲୋକେ ଏହାକୁ ବେଶ ପସନ୍ଦ କରୁଛନ୍ତି । ଏହି କାମ ପିଲାବେଳୁ କରି ଆସିଛୁ । ରାଜସ୍ଥାନରେ ଅନେକ ବ୍ୟବସାୟୀ ଥିବାରୁ ସେଠାରେ ଲାଭବାନ ହୋଇପାରିଲୁ ନାହିଁ । ତେଣୁ ଏଠାକୁ ଆସି ବ୍ୟବସାୟ କରୁଛୁ। ରାୟଗଡ଼ାର ଭାକୁରୁଗୁଡ଼ାରେ ଏକ ଖାଲି ଜାଗାରେ କୁଡ଼ିଆ କରି ରହି ଏହି ବ୍ୟବସାୟ କରୁଛୁ ବୋଲି ସେ କହିଛନ୍ତି । ଏଠାରେ ୨୫ରୁ ଆରମ୍ଭ କରି ୫୦୦ ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ମିଳିଥାଏ । ପ୍ଲାଷ୍ଟର ପ୍ୟାରିସକୁ ରାଜସ୍ଥାନରୁ ଆଣି ଏଠାରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଛୁ । ଯାହା ରୋଜଗାର ହେଉଛି ସେଥିରେ ପରିବାର ଚଳୁଛି । ଦିନକୁ ପ୍ରାୟ ୧୦୦୦ରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟବସାୟ ହୋଇଥାଏ । ଆଗକୁ ସରସ୍ୱତୀ ପୂଜା ଆସୁଥିବାରୁ ଲୋକମାନେ ସରସ୍ୱତୀ ଙ୍କ ମୂର୍ତ୍ତି ପାଇଁ ଅର୍ଡ଼ର ଦେଉଛନ୍ତି ବୋଲି ଗୋପାଲ ରାଠୋଡ଼ କହିଛନ୍ତି ।

## ରେଳ ଫାଟକକୁ ଧକ୍କା ଦେଲା ଟ୍ୟାଙ୍କର
# ଟ୍ରେନ ଚଳାଚଳ ବାଧାପ୍ରାପ୍ତ

ମୁନିଗୁଡା,୨୦।୧(ଡ଼ି.ଏନ.ଏ)

ରାୟଗଡା ଜିଲା ମୁନିଗୁଡା ନିକଟସ୍ଥ ଖାମରଗୁଡ଼ା ରେଳଫାଟକକୁ ଏକ ଆଲୁମିନା ବୋଝେଇ ଟ୍ୟାଙ୍କର (ଓଡ଼ି୧୫ଜେ୫୪୪୩) ଧକ୍କା ଦେଇଛି। ଫଳରେ ବିଶାଖାପାଟଣା-ରାୟପୁର ଅପଲାଇନରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଏଥିରେ କେହି ମୃତାହତ ହୋଇନାହାନ୍ତି । ଦୁର୍ଘଟଣା ପରେ ଟ୍ୟାଙ୍କର ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଲାଞ୍ଜିଗଡ଼ ବେଦାନ୍ତରୁ ଉକ୍ତ ଟ୍ୟାଙ୍କରଟି ବିଶାଖାପାଟଣା ଅଭିମୁଖେ ଯାଉଥିଲା। ଖାମରଗୁଡ଼ା ନିକଟରେ ଭାରସାମ୍ୟ ହରାଇ ରେଳ ଫାଟକକୁ ଧକ୍କା ଦେଇଥିଲା । ଫଳରେ ଦୀର୍ଘ ସମୟ ଧରି ଟେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଖବରପାଇ ମୁନିଗୁଡା ରେଳ ବିଭାଗର ପିଡ଼ବ୍ଲୁଆଇ ସଞ୍ଜୟ କୁମାର, ପ୍ରଭାସ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀମାନେ ପହଞ୍ଚି ଯୁଦ୍ଧ କାଳୀନଭିତ୍ତିରେ ଟ୍ରେନ ଲାଇନ ଉପରୁ ଉକ୍ତ ଟ୍ୟାଙ୍କରକୁ ହଟାଇଥିଲେ। ପରେ ରେଳ ଚଳାଚଳ ସ୍ୱାଭାବିକ ହୋଇଥିଲା । ମୁନିଗୁଡା ରେଳ ଆର୍‌ପିଏଫ୍ ଅଧିକାରୀ ପରବୀନ ସିଂ ଧାକୋଡ଼ , ସଚିନ କୁମାର, ପ୍ରଦୀପ କୁମାର ଆଚାର୍ଯ୍ୟ, ଗଣପତି ମହାନନ୍ଦ, ଅମିତ କୁମାର ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।



ରେଳ ଧାରଣାରୁ ଟ୍ୟାଙ୍କରକୁ ହଟାଯାଉଛି ।

## ସଂକ୍ଷେପରେ



### କୁମୁଟିପେଣ୍ଟରେ ୫ଟି କାର୍ଯ୍ୟକ୍ରମ

**ଜେକେପୁର, ୨୦।୧(ଡ଼ି.ଏନ.ଏ):** ରାୟଗଡା ଜିଲା ସଦର ବ୍ଲକର କୁମୁଟିପେଣ୍ଠ ପଞ୍ଚାୟତରେ ୫ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ । ଆବାସ ଯୋଜନା, ଭତ୍ତା ଯୋଜନା, ସାମାଜିକ ସୁରକ୍ଷା, ପାନୀୟଜଳ, ଜାତୀୟ ସୁରକ୍ଷା ଆଇନ, ଶିକ୍ଷା, ସ୍ୱାସ୍ଥ୍ୟ ଓ କୃଷି, ମୃତ୍ତିକା ସଂରକ୍ଷଣ, ମହିଳା ଓ ଶିଶୁବିକାଶ ଯୋଜନା, ଓଡିଶା ଜୀବିକା ମିଶନ, ବସୁନ୍ଧରା ଯୋଜନା, ନିର୍ମାଣ ଶ୍ରମିକ ଯୋଜନା ଆଦି ନେଇ ଆଲୋଚନା ହୋଇଥିଲା । ୫ଟି ଯୋଜନାର ବ୍ଲକସ୍ତରୀୟ ମୁଖ୍ୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜେନ୍ଦ୍ର ମାଝି ଉପସ୍ଥିତ ରହି ଜନସାଧାରଣଙ୍କୁ ଉପରୋକ୍ତ ଯୋଜନା ମାଧମରେ କିଭଳି ଜଣେ ସରକାରଙ୍କ ସମସ୍ତ ସୁବିଧା ପାଇବ ସେନେଇ କହିଥିଲେ। ସେହିଭଳି ତହସିଲଦାର ଉମାଶଙ୍କର ବେହେରା ଯୋଗ ଦେଇ ବସୁନ୍ଧରା ଯୋଜନା ମାଧମରେ ଭୂମିହୀନମାନଙ୍କୁ ଘରଡିହ ଯୋଗାଇ ଦିଆଯିବ । ଯାହାର ରୋଜଗାର ମାସିକ ୪୦ ହଜାର ଟଙ୍କାରୁ କମ ହୋଇଥିବ ସେମାନଙ୍କୁ ଏହି ଯୋଜନାରେ ସାମିଲ କରି ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ ହେବ ବୋଲି କହିଥିଲେ । ଏଥିରେ ବ୍ଲକ ଚେୟାରମ୍ୟାନ ପେଜେଣ୍ଟି ରାମୁଲ, ଏବିଡିଓ ନୃସିଂହ ପଟ୍ଟନାୟକ, ସରପଞ୍ଚ ନାଲମା କୁଲେସିକା, ସ୍ୱାସ୍ଥ୍ୟକର୍ମୀ ଦୀପ୍ତି ମହାନ୍ତି, ଗ୍ରାମପଞ୍ଚାୟତ ଅଧିକାରୀ ମଦନମୋହନ ନାୟକ, ସାମାଜିକସୁରକ୍ଷା ଅଧିକାରୀ ଅଜିତ ହୋତା, ପୁରୁଷୋତ୍ତମ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ମହୁମାଛି ଆକ୍ରମଣରେ ୫ ଆହତ

**ଗୁଣପୁର,୨୦।୧(ଡ଼ି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମେଡିକାଲ କଲୋନୀରେ ମହୁମାଛି ଆକ୍ରମଣରେ ୫ ଜଣ ଆହତ ହୋଇଛନ୍ତି। ଏହି ଆକ୍ରମଣରେ ସ୍ତ୍ରୀ ଓ ପ୍ରସୁତି ବିଶେଷଜ୍ଞ ଡ.ପ୍ରଦୀପ ପଣ୍ଡାଙ୍କ ଏକ ପୋଷା କୁକୁରର ମଧ୍ୟ ମୃତ୍ୟୁ ହୋଇଛି । ଆହତମାନଙ୍କୁ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । କଲୋନି ପରିସରରେ ଥିବା ଏକ ମହୁଫେଣାରୁ ମହୁମାଛିଗୁଡିକ ଆସି ଆକ୍ରମଣ କରିଥିଲେ ।

### ନୂତନ ଜିଲାଜଜ୍‌ଙ୍କ ଦାୟିତ୍ୱ ଗ୍ରହଣ

**ରାୟଗଡ଼ା ଅଫିସ,୨୦।୧:** ରାୟଗଡାରେ ନୂତନ ଜିଲାଜଜ୍ ଭାବେ ଚିତ ରଞ୍ଜନ ଦାସ ଦାୟିତ୍ୱ ଗ୍ରହଣ କରିଛନ୍ତି । ତାଙ୍କୁ ଓକିଲ ସଂଘ ତରଫରୁ ସ୍ୱାଗତ କରାଯାଇଛି। ଏଥିରେ ଅଧ୍ୟକ୍ଷ ପିଏଲଏ ହିମାଂଶୁ ବ୍ରହ୍ମା, ଜଜ୍ ପରିବାର ଅଦାଲତ ଆଶିଷ କୁମାର ତ୍ରିପାଠୀ ,ଏଡ଼ିଜେ ଜ୍ଞାନେନ୍ଦ୍ର କୁମାର ବାରିକ, ସବଜଜ୍ ଶତରୁପା ଶତପଥୀ, ଜେଏମଏଫସି ସୂର୍ଯ୍ୟନାରାୟଣ ମହାନ୍ତି, ଶୋଭନ କୁମାର ପଣ୍ଡା, ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ମନୋରଞ୍ଜନ ମିଶ୍ର, ଓକିଲ ସଂଘ ସଭାପତି ବ୍ରଜ ସୁନ୍ଦର ନାୟକ,ଓକିଲ ଲାବଣ୍ୟମୋହନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥଲେ । ଗତ ୧୪ ତାରିଖରେ ଏଠାରେ ଥିବା ଜିଲା ଜଜ୍ ସୋମ ଶେଖର ଜେନା ରିଲିଭ ହୋଇଛନ୍ତି ।

### ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିଯୋଗିତା

**ରାୟଗଡ଼ା ଅଫିସ,୨୦।୧:** ୭୧ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟସ୍ତରରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି। ରାୟଗଡ଼ାସ୍ଥିତ ଜିସିଡ଼ି ଉଚ୍ଚ ବିଦ୍ୟାଳୟରେ ସୋମବାର ଛାତ୍ରୀଛାତ୍ରଙ୍କ ମଧରେ ଡିବେଟ, ସଙ୍ଗୀତ, ସାଧାରଣଜ୍ଞାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ତୃତୀୟରୁ ୧୦ମ ଶ୍ରେଣୀ ପିଲାଙ୍କ ମଧରେ ୩ଟି ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ଏଥିରେ ୨୯୬ ପିଲା ଭାଗ ନେଇଥିଲେ। ବିଭିନ୍ନ ପ୍ରତିଯୋଗିତାର ୨୩ କୃତୀ ଛାତ୍ରୀଛାତ୍ରଙ୍କୁ ସାଧାରଣତନ୍ତ୍ର ଦିବସ ଦିନ ପୁରସ୍କୃତ କରାଯିବ। ଜିସିଡି ହାଇସ୍କୁଲ ପ୍ରଧାନଶିକ୍ଷକ ଶଶିଭୂଷଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯୁବ ବିକାଶ ପରିଷଦର ବୈଠକ

ପଦ୍ମପୁର,୨୦।୧(ଡି.ଏନ୍.ଏ.)




ଯୁବ ବିକାଶ ପରିଷଦର କର୍ମକର୍ତ୍ତାମାନେ।

ରାୟଗଡ଼ା ଜିଲା ଯୁବ ବିକାଶ ପରିଷଦ ଆନୁକୂଲ୍ୟରେ ପଦ୍ମପୁର ବ୍ଲକ ଯୁବ ବିକାଶ ପରିଷଦର ଶାଖା ଗଠନ ହୋଇଯାଇଛି । ଯୁବ ବିକାଶ ପରିଷଦ ସଭାପତି ଶିବାଜୀ ଦାଶଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ସଦସ୍ୟଙ୍କୁ ନେଇ ସ୍ଥାନୀୟ ଐତିହାସିକ ଶୈବପୀଠ ନୀଳକଣ୍ଠେଶ୍ୱର ମନ୍ଦିର ପାର୍ଶ୍ୱରେ ଥିବା ହନୁମାନ ମନ୍ଦିର ମଣ୍ଡପଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ପଦ୍ମପୁର ଯୁବ ବିକାଶ ପରିଷଦ ସଭାପତି ଘନଶ୍ୟାମ ସାମନ୍ତ, ସାଧାରଣ ସମ୍ପାଦକ ସଦାଶିବ ମାଝି, ଉପସଭାପତି ସନ୍ତୋଷ କୁମାର ପଣ୍ଡା ଓ ସମ୍ପାଦକ ଭାବେ ମାଝି ଶବରଙ୍କୁ ମନୋନୀତ କରାଯାଇଥିଲା । ବୈଠକରେ ପଞ୍ଚାୟତସ୍ତରରୁ ବ୍ଲକସ୍ତର ପର୍ଯ୍ୟନ୍ତ ସରକାରଙ୍କ ଜନହିତକର ଯୋଜନା କିଭଳି ପହଞ୍ଚିପାରିବ ଓ ପ୍ରକୃତ ହିତାଧିକାରୀ ବିକାଶର କାର୍ଯ୍ୟରେ ଉପକୃତ ହୋଇପାରିବେ ସେ ନେଇ ଆଲୋଚନା ହୋଇଥିଲା । ପଦ୍ମପୁର ଯୁବ ବିକାଶ ପରିଷଦ ତରଫରୁ ଅଞ୍ଚଳର ଜଙ୍ଗଲ ଜମିକୁ ସମ୍ପୂର୍ଣ୍ଣ ବିନିଯୋଗ କିଭଳି କରାଯିବ ତା' ଉପରେ ଏକ ଦାବିପତ୍ର ତହସିଲଦାରଙ୍କୁ ଆଗାମୀ ବୈଠକରେ ପ୍ରଦାନ କରାଯିବ ବୋଲି ବୈଠକରେ ପରିଷଦ ତରଫରୁ ନିଷ୍ପତ୍ତି ନିଆଯାଇଛି ।

# ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ବିଷମକଟକ,୨୦।୧(ଡ଼ି.ଏନ.ଏ)

ରାୟଗଡା ଜିଲା ବିଷମକଟକ ସଦର ମହକୁମାସ୍ଥିତ ରାମ ମନ୍ଦିର ପ୍ରାଙ୍ଗଣରେ ବିଷମକଟକ ପ୍ରାଥମିକ ସଂଘ ତରଫରୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଂଘ ସଭାପତି ମଦନ ସୁନ୍ଦର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକର ବରିଷ୍ଠ ଶିକ୍ଷକ ରାଧାଗୋବିନ୍ଦ ରଥ, ରାଧାକାନ୍ତ ପାଢୀ, ଯୁଗୋଳ ଗୌଡ, ସୁବାସଚନ୍ଦ୍ର ପ୍ରଧାନ, ବାବନଚରଣ ଦାସ, ନବୀନ ଚନ୍ଦ୍ର ସାହୁ, ଦାମିନିପ୍ରଭା ମିଶ୍ର, ଅରକ୍ଷିତ ପୁରୁଷୋତ୍ତମ,ଅଚ୍ୟୁତାନନ୍ଦ ପଟ୍ଟନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ସଂଘ ସମ୍ପାଦକ ସମୋନାଥ ୱାଡକାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶେଷରେ ବରିଷ୍ଠ ଶିକ୍ଷକ ଶିବପ୍ରସାଦ ପାଢୀ ଧନ୍ୟବାଦ ଦେଇଥିଲେ ।

# ୨ ଲୁଟେରା ଗିରଫ
## ଟଙ୍କା, ସୁନା, ରୁପା ଜବତ

ରାୟଗଡ଼ା ଅଫିସ, ୨୦।୧



ଗିରଫ ଦୁଇ ଲୁଟେରା ।

ରାୟଗଡ଼ା ପୋଲିସ ସୋମବାର ୨ ଜଣ ଲୁଟେରାଙ୍କୁ ଗିରଫ କରିଛି । ସେମାନେ ହେଲେ ପିଟଲାସାହିର ହାବିବୁଲା ଖାନ (୩୫ ) ଓ କଲ୍ୟାଣସିଂହପୁରର ଘନଶ୍ୟାମ ଲୟା (୨୭ ) । ସେମାନଙ୍କଠାରୁ ଏକ ରୁପା ଥାଲି,ଢାଳ ସୁନା ଚୁଡ଼ି,ଟଙ୍କା, ମୋବାଇଲ ଓ ଗାଡ଼ି ଜବତ କରାଯାଇଛି । ଏନେଇ ପୋଲିସ ଏକ ମାମଲା(ନଂ ୪୪୪/୧୯) ରୁଜୁ କରିଛି । ସ୍ଥାନୀୟ କରଣ ସାହିରେ ରହୁଥିବା ଜୟରାମ ମହାପାତ୍ରଙ୍କ ଘରୁ ଗତ ନଭେମ୍ବର ୩୦ ତାରିଖରେ ଦୁର୍ବୃତ୍ତମାନେ ୨ଟି ସୁନା ଚୁଡ଼ି, ଗୋଟିଏ ରୁପା ଥାଳି, ଢାଳ ଓ ୧୫ ହଜାର ଟଙ୍କା ଚୋରି କରି ନେଇଥିଲେ । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ରାୟଗଡ଼ା ଏସଡ଼ିପିଓଙ୍କ ନିର୍ଦ୍ଦେଶକ୍ରମେ ଆଇଆଇସି ନିହାର ରଞ୍ଜନ ପ୍ରଧାନ ଏବଂ ଏସଆଇ ରିଗାନ କିଣ୍ଡୋ ଏହାର ତଦନ୍ତ କରି ସୋମବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି ।




ଶିବିରରେ ସାମିଲ ହୋଇଥିବା ଛାତ୍ରୀମାନେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ରାୟଗଡ଼ା ଅଫିସ, ୨୦।୧

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର ସୋମବାର ଅଧକ୍ଷ ପ୍ରଫୁଲ୍ଲ ଚନ୍ଦ୍ର ସେନାପତିଙ୍କ ଅଧକ୍ଷତାରେ ଉଦ୍‌ଘାଟିତ ହୋଇଛି। ପ୍ରତ୍ୟେକ ଝିଅ ଏହି କୌଶଳ ଶିଖିବା ଦରକାର। ଏହାଦ୍ୱାରା ସେମାନେ ନିଜକୁ ଓ ଅନ୍ୟମାନଙ୍କୁ ସୁରକ୍ଷା ଦେଇପାରିବେ ବୋଲି ଅଧକ୍ଷ କହିଥିଲେ। କାର୍ଯ୍ୟକ୍ରମରେ ୩ ଜଣ ପ୍ରଶିକ୍ଷକ ପିଲାଙ୍କୁ ତାଲିମ ଦେଉଛନ୍ତି। ୬୫ଜଣ ଛାତ୍ରୀ ଏଥିରେ ଭାଗ ନେଇଛନ୍ତି। ଏହି କାର୍ଯ୍ୟକ୍ରମ ୧୨ ଦିନ ଧରି ଚାଲିବ। ଅନ୍ୟମାନଙ୍କ ମଧରେ କାର୍ଯ୍ୟକ୍ରମର ଜିଲା ସଂଯୋଜକ ଅଶୋକ କୁମାର ସାହୁ, ପୂର୍ବତନ ଜିଲା ସଂଯୋଜକ ଅରୁଣ କୁମାର ଖାଡ଼ାଙ୍ଗା, ମହାବିଦ୍ୟାଳୟ ସଂଯୋଜକ କେ.କେ ଜାନି ଏବଂ ପୂଜା ପଟ୍ଟନାୟକ ଏହି ସମୟରେ ଉପସ୍ଥିତ ଥିଲେ ।

# ଭଲିବଲ ଟୁର୍ନାମେଣ୍ଟ, ଲିଟିଗୁଡ଼ା ବିଜୟୀ

ଦୁର୍ଗୀ,୨୦।୧



ମନ୍ତ୍ରୀ ଓ ବିଧାୟକ ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଦୁର୍ଗୀସ୍ଥିତ ଏମ୍‌ସିସି ଗ୍ରାଉଣ୍ଡଠାରେ ଗତ ୫ ତାରିଖରୁ ଚାଲିଥିବା ତ୍ରିନାଥ ଦାସ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଏହାର ଫାଇନାଲ ମ୍ୟାଚ ଲିଟିଗୁଡ଼ା ଓ ସୁଭଦ୍ରାପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଲିଟିଗୁଡ଼ା ଦଳ ୩୯-୧୬ରେ ବିଜୟୀ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଦିବାସୀ ଜନଜାତି କଲ୍ୟାଣମନ୍ତ୍ରୀ ଜଗନ୍ନାଥ ସାରକା, ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ସୁଧୀର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ବ୍ଲକ ଚେୟାରମ୍ୟାନ ବିଜୟଶାନ୍ତି କୁମୁରୁକା ଓ ସରପଞ୍ଚ ରଶ୍ମିତା କୁମୁରୁକା ଅତିଥି ଭାବେ ଯୋଗ ଦେଇଥିଲେ। ପରେ ବିଜୟୀ ଦଳକୁ ପୁରସ୍କୃତ କରାଯାଇଥିଲା। ଏହି ମ୍ୟାଚରେ ସାଗର ଗୌଡ଼ ରେଫରି ଥିଲେ ।




ଚାକୁଣ୍ଡା ଗ୍ରାମରେ ସିଏଏ ନେଇ ସଚେତନତା କରାଯାଉଛି ।

# ସିଏଏ ନେଇ ସଚେତନତା କାର୍ଯ୍ୟକ୍ରମ

ଗୁଣପୁର,୨୦।୧(ଡି.ଏନ.ଏ)

ରାୟଗଡା ଜିଲା ରାମନାଗୁଡା ଭାଜପା ଗ୍ରାମୀଣମଣ୍ଡଳ ପକ୍ଷରୁ ଚାକୁଣ୍ଡା ଗ୍ରାମରେ ସୋମବାର ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ସଞ୍ଜୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ସଭାପତି ଚିନା କଣ୍ଡାଗିରି ଯୋଗ ଦେଇଥିଲେ। ଗୋପାଳକୃଷ୍ଣ ଦେଓପାତ୍ର ଏବଂ ଫାଲ୍‌ଗୁନୀ ଶବର ପ୍ରମୁଖ ଅତିଥି ଭାବେ ଯୋଗଦେଇ ନାଗରିକତ୍ୱ ସଂଶୋଧନ ଅଧିନିୟମ ସମ୍ପର୍କରେ ବୁଝାଇଥିଲେ । ବିରୋଧୀ ଦଳର ଚାଲର ଶିକାର ନ ହୋଇ ଲୋକମାନେ ଏହି ଆଇନ ନେଇ ସଚେତନ ହେବାକୁ ଦଳ ପକ୍ଷରୁ ଆହ୍ୱାନ ପ୍ରଦାନ କରାଯାଇଥିଲା । ଶେଷରେ ସନ୍ତୋଷ ପଣ୍ଡା ଧନ୍ୟବାଦ ଦେଇଥିଲେ ।

# ୫୫ ଅଭିଯୋଗ ଶୁଣିଲେ ଜିଲାପାଳ

ବିଷମକଟକ,୨୦।୧(ଡ଼ି.ଏନ.ଏ)




ଜଣେ ମହିଳାଙ୍କଠାରୁ ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

ରାୟଗଡା ଜିଲା ବିଷମକଟକ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପ୍ରମୋଦ କୁମାର ବେହେରା ଯୋଗ ଦେଇ ୫୫ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରୁ ୧୧ଟି ସାମୂହିକ ଓ ୪୪ଟି ବ୍ୟକ୍ତିଗତ ଅଭିଯୋଗ ଥିଲା । ମାଓବାଦୀ ଅଧ୍ୟୁଷିତ ଡାଲିଆକୁଜି ପଞ୍ଚାୟତବାସୀ ତାଣ୍ଡା, ତଳଦ୍ୱାରଗୁଡି, କୋର୍ଚ୍ଚିଲା ଗ୍ରାମକୁ ପକ୍କା ରାସ୍ତା ନିର୍ମାଣ ନିମନ୍ତେ ଜିଲାପାଳଙ୍କୁ ଭେଟିଥିଲେ । ଟେଣ୍ଡର ପ୍ରକ୍ରିୟା ସରି କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ସ୍ଥାନୀୟ ଲୋକ ରାସ୍ତାକାମକୁ ବିରୋଧ କରୁଛନ୍ତି । ତେଣୁ କାମ ଠିକ୍ ଭାବେ ହୋଇପାରୁନାହିଁ । ବର୍ତ୍ତମାନ ରାସ୍ତା କାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ପଞ୍ଚାୟତବାସୀ ପ୍ରତିଶୃତି ଦେଇଥିଲେ । ଏହି ଅବସରରେ ୭ ଜଣକୁ ଚିକିତ୍ସା ନିମନ୍ତେ ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯାଇଥିଲା । ଏଥିସହ ୪ ଜଣ ମସ୍ତିଷ୍କ ପକ୍ଷାଘାତ ଛାତ୍ରୀଛାତ୍ରମାନଙ୍କୁ ସିପି ଚେୟାର ପ୍ରଦାନ କରାଯାଇଥିଲା । ଏହି ଶୁଣାଣିରେ ଜିଲା ଆରକ୍ଷୀ ଅଧୀକ୍ଷକ ଶ୍ରବଣ ବିବେକ ଏମ୍,ଗୁଣପୁର ଉପଜିଲାପାଳ ବି.ସିଦ୍ଧେଶ୍ୱର ବଳିରାମ, ଆଦିବାସୀ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଗୋରାଚାନ୍ଦ ଗମାଙ୍ଗଙ୍କ ସମେତ ଜିଲା ବନଖଣ୍ଡ ଅଧିକାରୀ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ । ଏଥିରେ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ କାଢି ନିଆଯାଉଛି ଦାୟିତ୍ୱ

ଚିତ୍ରକୋଣ୍ଡା/ମାଲକାନଗିରି,୨୦।୧ (ଡି.ଏନ.ଏ.)-ମାଲକାନଗିରି ଜିଲାରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ଉଦ୍ଦେଶ୍ୟରେ ଚିତ୍ରକୋଣ୍ଡା ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ମଧ୍ୟାହ୍ନ ଭୋଜନ ଦାୟିତ୍ୱ ଦେଇଥିଲେ। କେତେକ ସ୍ଥାନରେ ଗୋଷ୍ଠୀମାନଙ୍କୁ କିରୋସିନ ବଣ୍ଟନ ଦାୟିତ୍ୱ ମଧ ମିଳିଥିଲା। ଏହି କାର୍ଯ୍ୟ ସେମାନେ ଦୀର୍ଘ ବର୍ଷ ହେଲା ତୁଲାଉଥିଲେ। ମାତ୍ର ଗତ ୫ବର୍ଷ ହେଲା ଗୋଷ୍ଠୀମାନଙ୍କଠାରୁ ମଧ୍ୟାହ୍ନଭୋଜନ ଏବଂ କିରୋସିନି ବଣ୍ଟନ ଦାୟିତ୍ୱ କାଢି ନିଆଯାଇଛି। ମଧ୍ୟାହ୍ନଭୋଜନ ଟଙ୍କା ଉଠାଣବେଳେ ସେମାନଙ୍କୁ କେବଳ ଦସ୍ତଖତ କରିବାକୁ କୁହାଯାଇଛି। ଚିତ୍ରକୋଣ୍ଡା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଏହି ଦାୟିତ୍ୱ ସେମାନଙ୍କୁ ଆଗକୁ ବଢିବାର ସାହସ ଜୁଟାଉଥିଲା। ଏହାଦ୍ୱାରା ସେମାନେ ବ୍ୟାଙ୍କ ତଥା ସରକାରୀ ଏବଂ ବେସରକାରୀ ଅନୁଷ୍ଠାନ ସହ ସମ୍ପର୍କ ସ୍ଥାପନ କରୁଥିଲେ। ଓଡିଶାର ଅନ୍ୟ ଜିଲାମାନଙ୍କରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ବ୍ଲକସ୍ତରୀୟ ପ୍ରତ୍ୟେକ କାମ ଯଥା ଗ୍ୟାସବଣ୍ଟନ, କିରୋସିନି ବଣ୍ଟନ, ବାଲିଘାଟ, ଆହାର କେନ୍ଦ୍ର, ଛତୁଆ ତିଆରି କରି ବଣ୍ଟନ, ଇଲେକ୍ଟ୍ରି ବିଲ ଆଦାୟ ଭଳି ବହୁ ଅନେକ କାମ ମିଳୁଛି। ମାତ୍ର ଚିତ୍ରକୋଣ୍ଡା ଅଞ୍ଚଳରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କଠାରୁ ଦାୟିତ୍ୱ କାଢି ନିଆଯାଉଛି। ପୂର୍ବରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟାହ୍ନଭୋଜନ ପାଇଁ ବିଦ୍ୟାଳୟରେ ପିଲାଙ୍କ ଉପସ୍ଥାନକୁ ଦୃଷ୍ଟିରେ ରଖି ନିର୍ଦ୍ଦିଷ୍ଟ ସ୍ଥାୟୀ ଜମା ୧ହଜାରରୁ ଆରମ୍ଭ କରି ୫ହଜାର, ୧୦ହଜାର ଏପରିକି ୨୦/୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଟଙ୍କା ୨ବର୍ଷରୁ ଆରମ୍ଭ କରି ୫ବର୍ଷ ଓ ୧୦ବର୍ଷ ଅବଧିରେ ବ୍ୟାଙ୍କରେ ଫିକ୍ସ ଜମା ରଖୁଥିଲେ। ଏହାର ସ୍ଥାୟୀ ବଣ୍ଡକୁ ପଞ୍ଚାୟତସମିତି କାର୍ଯ୍ୟାଳୟରେ ବନ୍ଧକ ରଖାଯାଇଥିଲା । ୫ବର୍ଷ ହେଲାଣି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ହାତରୁ ମଧ୍ୟାହ୍ନଭୋଜନ ଦାୟିତ୍ୱ ବିଦ୍ୟାଳୟମାନଙ୍କୁ ହସ୍ତାନ୍ତର ହୋଇଗଲା । ଅଥଚ ଜମା ରାଶିର ବଣ୍ଡଗୁଡିକୁ ଏପର୍ଯ୍ୟନ୍ତ ଗୋଷ୍ଠୀମାନଙ୍କୁ ଫେରସ୍ତ କରାଯାଉନାହିଁ। ଏହା କାହା ପାଖରେ ଅଛି ତାହା ଗୋଷ୍ଠୀମାନେ ଜାଣିନାହାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଦୁର୍ଘଟଣାରେ ୩ ଆହତ

କାଲିମେଳା,୨୦।୧(ଡି.ଏନ.ଏ)-ସୋମବାର କାଲିମେଳା ଡାକ୍ତରଖାନା ସମ୍ମୁଖରେ ଦୁର୍ଘଟଣା ଘଟି ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ତେଲରାଇ ପଞ୍ଚାୟତ ଜାମୁଗୁଡା ଗ୍ରାମର ପର୍ଶୁରାମ ବାଞ୍ଚାରା, ମାଲାଭରମ ପଞ୍ଚାୟତ ଏମଭି-୮୧ ଗ୍ରାମର ବିପୁଲ ଦେ ଓ ମଣ୍ଟୁ ମଣ୍ଡଳ। ଖବରରୁ ଜଣାପଡିଛି ଅପରାହ୍ନ ୫ଟାରେ ପର୍ଶୁରାମ ସାଇକେଲରେ ଆସୁଥିବା ବେଳେ ତାଙ୍କୁ ସ୍କୁଟିରେ ଆସୁଥିବା ବିପୁଲ ଓ ମଣ୍ଟୁ ଧକ୍କା ଦେଇଥିଲେ। ଫଳରେ ସମସ୍ତେ ଆହତ ହୋଇଥିଲେ। ସେମାନଙ୍କୁ କାଲିମେଳା ମେଡିକାଲରେ ଚିକିତ୍ସିତକରାଯାଇଛି। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସୁକୁମାରେ ମିଶିବାକୁ ଯାଉଥିଲେ ଗ୍ରାମବାସୀ

## ସେମାନଙ୍କୁ ଅଟକାଇଲେ ପୂର୍ବତନ ବିଧାୟକ

- ପ୍ରଶାସନ ଉଦାସୀନତାର ପ୍ରତିବାଦ
- ସମସ୍ୟା ସମାଧାନ ପାଇଁ ଦେଲେ ପ୍ରତିଶ୍ରୁତି
- ବର୍ଷା ଦିନେ ଉପୁଜିଥାଏ ସମସ୍ୟା

ମାଲକାନଗିରି,୨୦।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ମାଟାପାକା ପଞ୍ଚାୟତ କତାମାଟେରୁ ଗ୍ରାମର ୧୫୦ ଆଦିବାସୀ ପରିବାର ନିଜ ପୂର୍ବ ନିଷ୍ପତ୍ତି ଅନୁସାରେ ସୋମବାର ସୁକୁମାରେ ମିଶିବା ଲାଗି ସୁକୁମା ଜିଲାପାଳଙ୍କୁ ଭେଟିବାକୁ ଯାଉଥିଲେ। ଗତ ୧୩ରେ ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଏକ ବୈଠକ ହୋଇଥିଲା। ଦୀର୍ଘ ୭୨ ବର୍ଷ ଧରି ସେମାନେ ବିଭିନ୍ନ ସମସ୍ୟାରେ ଦିନ କାଟୁଛନ୍ତି। ଏନେଇ ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ କିଛି ସୁଫଳ ମିଳୁନାହିଁ। ବୈଠକରେ ପ୍ରଶାସନ ସେମାନଙ୍କ ସମସ୍ୟା ସମାଧାନ ନ କଲେ ସେମାନେ ଛତିଶଗଡ଼ର ସୁକୁମା ଜିଲାରେ ମିଶିବେ ବୋଲି ନିଷ୍ପତ୍ତି ନେଇଥିଲେ। ସୋମବାର ଗ୍ରାମବାସୀ ସୁକୁମା ଜିଲାପାଳଙ୍କୁ ଭେଟିବା ପାଇଁ ଯାଉଥିଲେ। ଏହି ଖବର ପାଇ ମାଲକାନଗିରି ପୂର୍ବତନ ବିଧାୟକ ତଥା ଉନ୍ନୟନ ବିକାଶ ପରିଷଦ ଅଧକ୍ଷ ମାନସ ମାଡ଼କାମି କତାମାଟେରୁ ଗ୍ରାମକୁ ଯାଇ ଲୋକମାନଙ୍କୁ ଅଟକାଇ ସେମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ପରେ ସେମାନଙ୍କ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।



ପୂର୍ବତନ ବିଧାୟକ ମାନସ ମାଡକାମୀ ଓ ଅନ୍ୟମାନଙ୍କୁ ନେଇ ଗ୍ରାମରେ ବସିଥିବା ବୈଠକ ।

ଗ୍ରାମର ସମସ୍ୟା ସେ ଜିଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ତୁରନ୍ତ ସମାଧାନ କରିବେ ବୋଲି ପ୍ରତିଶ୍ରୁତି ଦେବାପରେ ଗ୍ରାମବାସୀ ସୁକୁମା ଜିଲାପାଳଙ୍କୁ ଭେଟିବା କାର୍ଯ୍ୟକ୍ରମ ସ୍ଥଗିତ ରଖିଛନ୍ତି। ଏନେଇ ସେମାନେ ପୂର୍ବତନ ବିଧାୟକ ମାଡକାମିଙ୍କୁ ୧୫ ଦିନ ସମୟ ଦେଇଛନ୍ତି। ୧୫ ଦିନ ମଧରେ ଗ୍ରାମର ଅନ୍ୟତମ ମୁଖ୍ୟ ସମସ୍ୟା ରାସ୍ତା କାମ ଆରମ୍ଭ ନ ହେଲେ ଗ୍ରାମବାସୀ ବାଧହୋଇ ସୁକୁମା ଜିଲାରେ ମିଶିବା ପାଇଁ ବାଧ ହେବେ। ଏହି ଅବସରରେ ମାଡକାମି ଗ୍ରାମରେ ଏକ ବୈଠକ କରି କେବଳ ରାସ୍ତା ନୁହେଁ ଗ୍ରାମର ଲୋକଙ୍କ ଶିକ୍ଷା, ବିଜୁ ପକ୍କା ଗୃହ, ପାନୀୟ ଜଳ, କୃଷି ସହ ଅନ୍ୟାନ୍ୟ କ୍ଷେତ୍ରରେ କିପରି ବିକାଶ କରାଯିବ। ଏହି ଅଞ୍ଚଳରେ ପ୍ରଚୁର ତାଳଗଛ ଥିବାରୁ ତାଳ ଗଛ ରସରୁ ଗ୍ରାମବାସୀ କିପରି ଗୁଡ଼ ଏବଂ ମିଶ୍ରି ପ୍ରସ୍ତୁତ କରି ତାହାକୁ ବିକି ନିଜର ଆର୍ଥିକ ବିକାଶ କରିବେ ସେନେଇ ସେମାନଙ୍କୁ ତାଲିମ ପ୍ରଦାନ କରାଯିବ। ପରେ ଗ୍ରାମରେ ଏକ କ୍ଷୁଦ୍ର କାରଖାନା ପ୍ରତିଷ୍ଠା କରାଯିବ ବୋଲି ମାଡକାମି କହିଥିଲେ। ମାଡ଼କାମିଙ୍କ ସହ ସାମାଜିକ କର୍ମୀ ଅକ୍ଷୟ ମହାନ୍ତି, ଶ୍ରୀନିବାସ ରାଓ, କେଶା ପଡିଆମି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ମାଟାପାକା ପଞ୍ଚାୟତଠାରୁ ୬ କିମି ଦୂର ସାବେରୀ ନଦୀ କୂଳରେ ରହିଛି କତାମାଟେରୁ ଗ୍ରାମ । ବର୍ଷାଦିନେ ମାଟାପାକାରୁ କତାମାଟେରୁ ଯିବାପାଇଁ ଅନେକ ସମସ୍ୟା ଉପୁଜିଥାଏ । ଛାତ୍ରୀଛାତ୍ରମାନେ ନଦୀ ପାର ହୋଇ ବିଦ୍ୟାଳୟକୁ ଯାଇଥାନ୍ତି। ରାସ୍ତା ନିର୍ମାଣ ପାଇଁ ଦୀର୍ଘ ୨୦ ବର୍ଷ ହେଲା ମାଟାପାକା ସରପଞ୍ଚ ଏବଂ ଅଞ୍ଚଳବାସୀ ଦାବିକରି ଆସୁଛନ୍ତି। ପଞ୍ଚାୟତ ବୈଠକରେ ଏନେଇ ରିଜୋଲ୍ୟୁଶନ କରାଯାଇ ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଗତ ଜୁଲାଇ ମାସରେ ଗ୍ରାମବାସୀ ଏହି ରାସ୍ତାରେ କାଦୁଅରେ ଧାନ ରୋଇ ଅଭିନବ ପ୍ରତିବାଦ କରିଥିଲେ ମଧ ଏହାର କୌଣସି ପ୍ରଭାବ ପ୍ରଶାସନ ଉପରେ ପଡିନାହିଁ।

## ୨୨ରେ ସୁରଟରେ ଓଡ଼ିଶା ମହୋତ୍ସବ

ଛତ୍ରପୁର,(ଡି.ଏନ୍.ଏ.)/ ବ୍ରହ୍ମପୁର ଅଫିସ,୨୦।୧

ଗୁଜରାଟ ରାଜ୍ୟ ସୁରଟର ଆମରୋଲିରେ ୨୨ ତାରିଖରେ ଓଡିଶା ମହୋତ୍ସବ ଅନୁଷ୍ଠିତ ହେବ। ଏହାକୁ ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଉଦ୍‌ଘାଟନ କରିବେ । ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେବାକୁ ଥିବାବେଳେ ସ୍ୱତନ୍ତ୍ର ଅତିଥି ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଆସିକା ଏମ୍‌ପି ପ୍ରମିଳା ବିଶୋୟୀ, ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି, ସମ୍ମାନିତ ଅତିଥି ଭାବେ କମିଶନର ବାଞ୍ଛାନିଧି ପାଣି, ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଯାଜପୁର ବିଧାୟକ, ଛତ୍ରପୁର ବିଧାୟକ, ସୋରଡା ବିଧାୟକ, ଚିକିଟି ବିଧାୟିକା, ପୋଲସରା ବିଧାୟକ, ବ୍ରହ୍ମପୁର ବିଧାୟକ, ଆସିକା, ଖଲ୍ଲିକୋଟ ଓ କବିସୂର୍ଯ୍ୟନଗର ବିଧାୟିକା, ଓଡିଶା ମହୋତ୍ସବ କମିଟି ସଭାପତି ବିଜୟ କୁମାର କହଁର, ପୂର୍ବତନ ଜିଲାପରିଷଦ ଅଧକ୍ଷ ସୁରଥ ଚନ୍ଦ୍ର ପ୍ରଧାନ, ଜିଲା ପରିଷଦ ଅଧକ୍ଷା ସୋନମ ପଲେଇ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଥିସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ । ଏହି ପରିପ୍ରେକ୍ଷୀରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସୁରଟ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାରେ ପ୍ରବାସୀ ଓଡ଼ିଆ ସଂଗଠନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ମାଙ୍ଗଟୁଙ୍କୁ ସହାୟତାର ହାତ ବଢ଼ାଇଲା ଜିଲା ପ୍ରଶାସନ

ମାଲକାନଗିରି,୨୦।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଅଣ୍ଡ୍ରାହାଲ ପଞ୍ଚାୟତ କଟାଙ୍ଗଗୁଡା ଗ୍ରାମର ମାଙ୍ଗଟୁ ଚଲାଣ ଦାରିଦ୍ର୍ୟ ଯୋଗୁ ତାଙ୍କର ଥିବା ୬ଟି ପିଲାଙ୍କୁ ପୋଶିବା ପାଇଁ ଅକ୍ଷମ ଥିଲେ। ଏପରି ସ୍ଥିତିରେ ଆଉ ଏକ କନ୍ୟା ସନ୍ତାନ ଜନ୍ମ ଦେବା ପରେ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ଘଟିଥିଲା। ସେହି ଶିଶୁକୁ ମାଙ୍ଗଟୁ ବହୁ କଷ୍ଟରେ ୨୧ ଦିନ ପାଳିବା ପରେ ତାକୁ ବିକ୍ରି କରିବା ପାଇଁ ନେଉଥିଲେ। ଜିଲା ଶିଶୁ ସୁରକ୍ଷା ବିଭାଗ ଘଟଣା ସମ୍ପର୍କରେ ଜାଣିବା ପରେ ଶିଶୁ କନ୍ୟାଟିକୁ ଉଦ୍ଧାର କରି ପୋଷ୍ୟ ଗୃହକୁ ହସ୍ତାନ୍ତର କରିଥିଲା। ଏହି ଖବର ପ୍ରକାଶ ପାଇଲା ପରେ ଜିଲାପାଳ ମନୀଶ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ, ସହକାରୀ ଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲାଶ୍ରମ ଅଧିକାରୀ ମଦନ ମୋହନ ପାଇକ, ସୁପରଭାଇଜର ନିରୁପମା ଭତ୍ରା, କଟାଙ୍ଗଗୁଡା ଗ୍ରାମକୁ ଯାଇ ଘଟଣାର ତଦନ୍ତ କରିଥିଲେ। ସେମାନେ ମାଙ୍ଗଟୁଙ୍କୁ ରାଶନ କାର୍ଡ, ଶ୍ରମ କାର୍ଡ ପ୍ରଦାନ କରିଥିଲେ। ଏଥିସହ ତାଙ୍କୁ ଆବାସ ଯୋଜନାରେ ଏକ ଘର ମଞ୍ଜୁର କରାଯିବା ସହ ମାଙ୍ଗୁଟଙ୍କ ମାତାପିତାଙ୍କ ନାମରେ ବାର୍ଦ୍ଧକ୍ୟ ଭତ୍ତା ମଞ୍ଜୁର କରାଯାଇଥିବା ଜଣାପଡିଛି। ତାଙ୍କର ଦୁଇ ପୁଅ ଆଶ୍ରମ ବିଦ୍ୟାଳୟରେ ପଢୁଥିବା ବେଳେ ସୋମବାର ଅନ୍ୟ ଜଣେ ପୁଅକୁ ମୁଦୁଲିପଡା ବଙ୍କଲ ବିଦ୍ୟାଳୟରେ ନାମ ଲେଖାଯାଇଛି। ଗୋଟିଏ ଝିଅକୁ ମୁଦୁଲିପଡା କନ୍ୟାଶ୍ରମରେ ଭର୍ତ୍ତି କରାଯାଇଛି। ଅନ୍ୟ ୨ ଛୋଟ ଝିଅଙ୍କୁ ଅଙ୍ଗନୱାଡି କେନ୍ଦ୍ରରେ ଅଧ୍ୟୟନ ବ୍ୟବସ୍ଥା ହୋଇଛି। ତାଙ୍କୁ ତୁରନ୍ତ ଆର୍ଥିକ ସହାୟତା ପ୍ରଦାନ କରା ଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଦାସ କହିଛନ୍ତି।



ମାଙ୍ଗଟୁଙ୍କୁ ସହାୟତା କରିବା ପାଇଁ ଗ୍ରାମରେ ପହଞ୍ଚିଥିବା ପ୍ରଶାସନିକ ଅଧିକାରୀ ।

## ଆକ୍ରମଣ ମାମଲାରେ ୨ ଜଣଙ୍କୁ ଜାମିନ

ବ୍ରହ୍ମପୁର ଅଫିସ,୨୦।୧

ଏକ ଆକ୍ରମଣ ମାମଲାର ୨ ଅଭିଯୁକ୍ତଙ୍କୁ ଏସଡ଼ିଜେଏମ୍ ସରୋଜିନୀ ସାହୁ ସୋମବାର ଜାମିନ ପ୍ରଦାନ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୁରୁଣ୍ଟିର ଚିଣ୍ଟୁ ଦାସ ଓ ଖୁଦୁରୁ ଦାସ। ଗାଁରେ ଗଣ୍ଡଗୋଳ ନ କରିବା, ସାକ୍ଷୀଙ୍କୁ ଧମଚମକ ନ ଦେବା ଓ ପୋଲିସକୁ ସହଯୋଗ କରିବା ନେଇ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ଘଟଣାରୁ ପ୍ରକାଶ, ଗତ ସପ୍ତାହେ ତଳେ ମଦ ପିଇବାକୁ କେନ୍ଦ୍ରକରି ଗୁରୁଣ୍ଟି ମଦ ଦୋକାନ ନିକଟରେ ଶିବ ସେଠୀଙ୍କୁ ଆକ୍ରମଣ ହୋଇଥିଲା। ପୋଲିସ ମାମଲା ନମ୍ବର ୧୪/୨୦ରେ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ପାଇଁ ଓକିଲ କରୁଣାକର ପାଣିଗ୍ରାହୀ ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି କରି ଏସ୍‌ଡ଼ିଜେଏମ ସୋମବାର ଜାମିନ ପ୍ରଦାନ କରିଛନ୍ତି ବୋଲି ଓକିଲ ପାଣିଗ୍ରାହୀ କହିଛନ୍ତି।

## ୪ରେ ହେବ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ

ଚିତ୍ରକୋଣ୍ଡା,୨୦।୧(ଡି.ଏନ.ଏ.)

ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଆନୁକୂଲ୍ୟରେ ବ୍ଲକ ସଭା ଗୃହଠାରେ ସୋମବାର ବ୍ଲକ ସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବିଡ଼ିଓ ଲରିମନ ଖରସେଲଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଫେବୃୟାରୀ ୪ରେ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବୈଠକରେ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷକମାନେ ଉପସ୍ଥିତ ଥିଲେ। କଳସ ଯାତ୍ରା, ଅଧିବେଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ କର୍ମଚାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଢେମସା ନୃତ୍ୟ, ଘୁମୁରା ନୃତ୍ୟ, ବଣ୍ଡା ନୃତ୍ୟ, ଦୁରୁଆ ନୃତ୍ୟ, କାଠି ବାଜା, ଡିଡାଇ ନୃତ୍ୟଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର ହୋଇଛି। ବୈଠକକୁ ଧୀରେନ ଖଣ୍ଡାଗିରି, ସୁବାଶିଷ ବିଶ୍ୱାସ, ଅଭୟ ଆଡୁ, ସୁଧା ମଣ୍ଡଳ, କୁନା ନାୟକ ପରିଚାଳନା କରିଥିଲେ।



ବୈଠକରେ ମାଲ୍ୟବନ୍ତ ମହୋତ୍ସବ ସମ୍ପର୍କରେ ଆଲୋଚନା କରାଯାଉଛି ।

## ଟ୍ରକ୍ ଓଲଟି ଜଣେ ଗୁରୁତର

ଚିକିଟି,୨୦।୧(ଡି.ଏନ.ଏ.)– ଗୋଳନ୍ଥରା ଥାନା ବାଦି ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ମାଟି ବୋଝେଇ ଟ୍ରକ୍ ଓଲଟି ପଡ଼ିବାରୁ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ପାତ୍ରପୁର ଅଞ୍ଚଳର ପୀତାମ୍ବର ସେଠୀ (୩୨)। ଟ୍ରକ ମାଟି ବୋଝେଇ କରି ସୁନୁପର ଅଭିମୁଖେ ଯାଉଥିବା ବେଳେ ବାଦି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ପଡିଥିଲା । ସେହି ରାସ୍ତା ଦେଇ ଯାଉଥିବା ଚିକିଟି ତହସିଲଦାର ହରପ୍ରସାଦ ଭୋଇ ଅଚେତ ଅବସ୍ଥାରେ ପଡିଥିବା ଦେଖି ପୀତାମ୍ବରକୁ ସୋରଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଗୋଳନ୍ଥରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ତଦନ୍ତ ଚଳାଇଛି ।

## ଦୁର୍ଘଟଣାରେ ବିଏସ୍ଏଫ୍ ଯବାନଙ୍କ ମୃତ୍ୟୁ

କୋରୁକୋଣ୍ଡା, ୨୦।୧(ଡି.ଏନ. ଏ) ଜଣେ କାର୍ଯ୍ୟରତ ବିଏସଏଫ ଯବାନ ଛୁଟିରେ ନିଜ ଘରକୁ ଆସି ପଡ଼ୋଶୀ ଛତିଶଗଡ଼ର ସୁକମାକୁ ଯାଉଥିବାବେଳେ ରବିବାର ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି। ତାଙ୍କ ଘର ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ଏମଭି-୨୩ ଗ୍ରାମରେ। ସେ ଉକ୍ତ ଗ୍ରାମର ରବିନ ଦାସଙ୍କ ପୁଅ ରଣେନ୍ଦ୍ର ଦାସ (୨୩) ବୋଲି ଜଣାପଡିଛି। ସେ ପ୍ରଥମେ ସିଆଚୀନରେ କାର୍ଯ୍ୟରତ ଥିଲେ। ପରେ ତାଙ୍କୁ ପଞ୍ଜାବ ୧୧୬ ବାଟାଲିୟନରେ ଅବସ୍ଥାପିତ କରାଯାଇଥିଲା। ତେବେ ପରିବାର ଲୋକେ ଏହି ଦୁର୍ଘଟଣାକୁ ସ୍ୱୀକାର ନ କରି ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି।

## ଛାତ୍ରୀଛାତ୍ରଙ୍କ ସଡ଼କ ସୁରକ୍ଷା ଅଭିଯାନ

ପାଣ୍ଡ୍ରିପାଣି,୨୦।୧

ମାଲକାନଗିରି ଜିଲା ସଦର ବ୍ଲକ ପଦ୍ମଗିରି ପଞ୍ଚାୟତର ପଞ୍ଚାୟତସ୍ତରୀୟ ମହାସଂଘ ପକ୍ଷରୁ ମହିଳା ଓ ଛାତ୍ରୀଛାତ୍ରଙ୍କୁ ନେଇ ସାଇକେଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାଇକେଲ ଶୋଭାଯାତ୍ରା ପଦ୍ମଗିରି ଉଚ୍ଚ ବିଦ୍ୟାଳୟଠାରୁ ବାହାରି ବିଭିନ୍ନ ଅଞ୍ଚଳ ବୁଲି ପଞ୍ଚାୟତ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ମହିଳାମାନେ ସାଇକେଲ ଚାଳନା ଦ୍ୱାରା କିପରି ଶରୀର ନିରୋଗ ଏବଂ ସୁସ୍ଥ ରହେ ଓ ଦୁର୍ଘଟଣାକୁ ଏଡାଯାଇ ପାରେ ସେ ସମ୍ପର୍କରେ ଲୋକଙ୍କୁ ସଚେତନ କରି ବାଇକ୍ ଆରୋହୀମାନେ ହେଲମେଟ୍ ବ୍ୟବହାର କରିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାର ନ କରିବା, ନିଜ ପାଖରେ ଗାଡ଼ିର ସମସ୍ତ କାଗଜପତ୍ର ରଖିବା ଲାଗି ଲୋକଙ୍କୁ ବୁଝାଇଥିଲେ। ଏଥିସହ ସେମାନେ ପଦ୍ମଗିରି ଅଞ୍ଚଳକୁ ନିଶାମୁକ୍ତ ଅଞ୍ଚଳଭାବେ ଘୋଷଣା କରିବା ନେଇ ସଚେତନ ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଲ୍ଲାସିନୀ ମଣ୍ଡଳ, କନିକା ମାଝି, ପାର୍ବତୀ ସିକଦାର, ଜ୍ୟୋତି ସିକଦାର, ପ୍ରମିଳା ଗାଇନ, ଅନିମା ମଣ୍ଡଳ ପ୍ରମୁଖ ନେତୃତ୍ୱ ନେଇଥିଲେ। ବଙ୍କଳ ସରପଞ୍ଚ ବିଜୟ ନାୟକ, ପଞ୍ଚାୟତ ଓ ବ୍ଲକସ୍ତରର କର୍ମଚାରୀମାନେ ଏଥିରେ ସାମିଲ ହୋଇଥିଲେ।




ବାହାରିଥିବା ସାଇକେଲ ଶୋଭାଯାତ୍ରା ।

## ପ୍ରଧାନଶିକ୍ଷକଙ୍କ ଚାଉଳ ବିକ୍ରି ନେଇ ଗଣ୍ଡଗୋଳ ଘଟଣା: ତଦନ୍ତ କଲେ ବିଇଓ

କାଲିମେଳା,୨୦।୧(ଡି.ଏନ.ଏ.)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଲୁଗେଲ ପଞ୍ଚାୟତର ଏମପିଭି-୮୩ ଗ୍ରାମରେ ଥିବା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମଙ୍ଗଳ ମଣ୍ଡଳ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ବେଳେ ଧରାପଡିଥିଲେ। ଏହାକୁ ନେଇ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମ ପଲ୍ଲୀମଙ୍ଗଳ କମିଟିସଦସ୍ୟଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୋଗକ୍ରମେ ପୋଲିସ ୩ଟି ମାମଲା ରୁଜୁ କରି ତଦନ୍ତ ଚଳାଇଛି । ତେବେ ଏହି ଘଟଣାକୁ ଜିଲା ଶିକ୍ଷା ବିଭାଗ ଗୁରୁତର ସହ ନେଇଛି। ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲା ଶିକ୍ଷା ଅଧିକାରୀ କାଲିମେଳା ବ୍ଲକ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ବିଇଓ ଗଙ୍ଗାଧର ପଟ୍ଟନାୟକ ସଂଯୋଜକ ଅସିତ ମିସ୍ତ୍ରି, ଏବିଇଓ ଚିନ୍ତା ହରଣ ମଧୁ ପ୍ରମୁଖ ସମ୍ପୃକ୍ତ ବିଦ୍ୟାଳୟକୁ ଯାଇ ତଦନ୍ତ କରି ଫେରିଛନ୍ତି। ଏ ବିଷୟରେ ବିଇଓ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ଗତ ୧୪ରେ ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ନେଇ ଗଣ୍ଡଗୋଳ ହୋଇଥିଲା । ଚାଉଳ ବିକ୍ରି ଘଟଣାର ସତ୍ୟତା ରହିଛି। ଏହାର ତଦନ୍ତ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯିବ।

## ଗଞ୍ଜାମ ବାହୁଦା ମହୋତ୍ସବରେ ସାମାଜିକ କର୍ମୀ ସମ୍ମାନିତ

କୋରୁକୋଣ୍ଡା, ୨୦।୧(ଡି.ଏନ. ଏ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ସହରର ସାମାଜିକ କର୍ମୀ ନିରଞ୍ଜନ ମଲ୍ଲ ଗଞ୍ଜାମ ଜିଲା ନୂଆପଡ଼ାର ଐତିହାସିକ ବହୁଦା ମହୋତ୍ସବରେ ସମ୍ମାନିତ ହୋଇଛନ୍ତି। ବିଶିଷ୍ଟ ସଙ୍ଗୀତଜ୍ଞ ଡ.ରବିନାରାୟଣ,ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର,ଉପସଭାପତି ଗୌରାଙ୍ଗ ରାଉତ,ମହୋତ୍ସବ ସଭାପତି କିଶୋର ପ୍ରଧାନ, ସମ୍ପାଦକ ସୁରେନ୍ଦ୍ରନାଥ ନାୟକ ପ୍ରମୁଖ ଅତିଥି ରୂପେ ଯୋଗଦେଇ ଥିଲେ। ମଲ୍ଲ ସମାଜ ମଙ୍ଗଳ, ସାହିତ୍ୟ ସାଧନା ଓ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରି ନିଜ ଅଞ୍ଚଳରେ ପରିଚିତ ଅଛନ୍ତି।



ସାମାଜିକ କର୍ମୀଙ୍କୁ ଅତିଥିମାନେ ସମ୍ମାନିତ କରୁଛନ୍ତି ।

## ବିଚ୍ଛିନ୍ନାଞ୍ଚଳବାସୀଙ୍କ ପାଇଁ ପୋଲିସ ପକ୍ଷରୁ କ୍ଲବ ଘର ନିର୍ମାଣ

ଚିତ୍ରକୋଣ୍ଡା,୨୦।୧(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳର ବିଚ୍ଛିନ୍ନାଞ୍ଚଳକୁ ରାସ୍ତାଘାଟର ସୁବିଧା ନାହିଁ। ମାଲକାନଗିରି ଜିଲା ପୋଲିସର ସହଯୋଗ ରେ କିଛି ଦିନ ତଳେ ହନ୍ତାଳଗୁଡାକୁ ରାସ୍ତା ନିର୍ମାଣ ହୋଇଥିଲା। ମାଲକାନଗିରି ଏସପି ଋଷିକେଶ ଡି. ଖିଲାରିଙ୍କ ଉଦ୍ୟମରେ ପାପରମେଟଲା ଓଆଇସି ଲକ୍ଷ୍ମୀ ନାରାୟଣ ମୁଦୁଲି ସହଯୋଗରେ ଆଦିବାସୀଙ୍କ ସହ ସୁସମ୍ପର୍କ ସ୍ଥାପନ ପାଇଁ ଏସପି ଖିଲାର ଲୋକମାନଙ୍କ ପାଇଁ ଏକ କ୍ଲବ ଘର ନିର୍ମାଣ କରିଛନ୍ତି। ମନୋରଞ୍ଜନ ପାଇଁ ଏକ ଏଲଇଡ ଟିଭି ପ୍ରଦାନ କରିଛନ୍ତି। ସେଇଭଳି କଦଳୀବନ୍ଧା ଗ୍ରାମର କ୍ଲବ ପିଲାଙ୍କୁ ଖେଳିବାକୁ ଭଲିବଲ ଉପକରଣ ଯୋଗାଇ ଦେଇଛନ୍ତି। ଏଇଭଳି ଆହୁରି ଅନେକ କାର୍ଯ୍ୟ ଗ୍ରାମବାସୀଙ୍କ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।



ପୋଲିସ ପକ୍ଷରୁ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଇଥିବା ଏଲଇଡି ଟିଭି ।

